# ଆଜି ଆସୁଛନ୍ତି ୩ କେନ୍ଦ୍ରମନ୍ତ୍ରୀ, ସୁରକ୍ଷା କଡ଼ାକଡ଼ି

**ପାରାଦୀପ,୫।୨(ସ୍ୱ.ପ୍ର.)**

ବୁଧବାର କେନ୍ଦ୍ର ଚାହାଜ ଚଳାଚଳ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ପାରାଦୀପ ଗସ୍ତରେ ଆସୁଛନ୍ତି। ଏହି ଅବସରରେ ସେ ୧୧ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପ ଲୋକାର୍ପଣ କରିବେ। ତାଙ୍କ ସହ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ମଧ୍ୟ ଆସିବେ। ଏଥିପାଇଁ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମଠାରେ ସଭାମଞ୍ଚ କରାଯିବା ସହ ସମସ୍ତ ପ୍ରସ୍ତୁତି ଏକପ୍ରକାର ଚୂଡ଼ାନ୍ତ ହୋଇଛି। ଏହି ସଭାମଞ୍ଚରେ କେନ୍ଦ୍ରମନ୍ତ୍ରୀ ଗଡ଼କରୀ ୩୧୫୦ କୋଟି ଟଙ୍କାରେ ନିର୍ମିତ ୬୮୦ କେଟିଏ କ୍ଷମତା ବିଶିଷ୍ଟ ବିଶ୍ୱସ୍ତରୀୟ ପଲିପ୍ରୋପିଲିନ ପ୍ଲାଣ୍ଟ ଉଦ୍‌ଘାଟନ କରିବେ। ଏଥିସହ ୫୬୫୪ କୋଟି ଟଙ୍କାର ମନୋଏଥିଲିନ ଗ୍ଲାଇକଲ (ଏମ୍‌ଇଜି) ୟୁନିଟର ଭିତ୍ତିପ୍ରସ୍ତର, ୬୯୦ କୋଟି ଟଙ୍କାର ଏଲ୍‌ପିଜି ଆମଦାନୀ ଟର୍ମିନାଲ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ସେହିପରି ପାରାଦୀପ ବନ୍ଦରରେ ସ୍ୱଚ୍ଛପଣ୍ୟର ପରିଚାଳନା ପାଇଁ କଣ୍ଟେନର ବର୍ଥ, ବହୁମୁଖୀ ବର୍ଥ, ମଲ୍ଟି ମୋଡାଲ ଲଜିଷ୍ଟିକ୍ ପାର୍କ ଆଦିର ଭିତ୍ତିପ୍ରସ୍ତର କରାଯିବ। କାର୍ଯ୍ୟକ୍ରମରେ ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଯୋଗଦାନ ପାଇଁ ବ୍ୟବସ୍ଥା ହୋଇଛି।



ଗଡକରୀଙ୍କ ଗସ୍ତ ପାଇଁ ଗୋପବନ୍ଧୁ ଷ୍ଟାଡିୟମ୍‌ରେ ହୋଇଥିବା ସଭାମଞ୍ଚ।

## ଭାଜପା ଶିବିର ଉତ୍ସାହିତ

କେନ୍ଦ୍ରମନ୍ତ୍ରୀଙ୍କ ଏହି ଗସ୍ତ ଯଦିଓ ସରକାରୀ କାର୍ଯ୍ୟକ୍ରମ ତେବେ ଏହାକୁ ନେଇ ଭାଜପା ଶିବିର ଉତ୍ସାହିତ ହୋଇପଡିଛି। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଗଡକରୀଙ୍କ ଏହି ଗସ୍ତ ବିଶେଷ ଗୁରୁତ୍ୱ ବହନ କରୁଛି। ସହରସାରା ଦଳୀୟ ପତାକା ଛାଉଣୀ ହୋଇଛି। ଏଥିସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ, କେନ୍ଦ୍ରମନ୍ତ୍ରୀ ଗଡକରୀ, ଧର୍ମେନ୍ଦ୍ର ପ୍ରଧାନ ଓ ଜୁଏଲ ଓରାମଙ୍କ ବଡ଼ ବଡ଼ ପୋଷ୍ଟର ଲାଗିଛି।

## ମୁଖ୍ୟମନ୍ତ୍ରୀ ଆସିବାକୁ ନେଇ ସଂଶୟ

ଏହି ପ୍ରକଳ୍ପ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଜଗତ୍‌ସିଂହପୁର ଏମ୍‌ପି କୁଳମଣି ସାମଲଙ୍କୁ ନିମନ୍ତ୍ରିତ କରାଯାଇଛି। ତେବେ ମୁଖ୍ୟମନ୍ତ୍ରୀ ଓ ଏମ୍‌ପି ଆସିବା ନେଇ ସଂଶୟ ସୃଷ୍ଟି ହୋଇଛି। ଏନେଇ ସରକାରୀସ୍ତରରେ ମଧ୍ୟ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ। ଉକ୍ତ ଉତ୍ସବ ପାଇଁ ଭାଜପା ଶିବିର ଉତ୍ସାହିତ ଥିବାବେଳେ ବିଜେଡି ଶିବିର ସମ୍ପୂର୍ଣ୍ଣ ନୀରବ ରହିଛି।

## ଦାମଙ୍କୁ ନେଇ ଚର୍ଚ୍ଚା

ସ୍ଥାନୀୟ ବିଧାୟକ ଦାମୋଦର ରାଉତ ଉକ୍ତ ଉତ୍ସବରେ ଯୋଗଦେବାକୁ ଥିବାରୁ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ସର୍ବଦା ଭାଜପା ଓ କେନ୍ଦ୍ରମନ୍ତ୍ରୀଙ୍କୁ ସମାଲୋଚନା କରିଆସୁଥିବା ଦାମବାବୁ ଏଥର ସଭାମଞ୍ଚରେ କ'ଣ କହିବେ ତାହାକୁ ନେଇ ସମସ୍ତଙ୍କ ମନରେ କୌତୁହଳ ସୃଷ୍ଟି ହୋଇଛି। ୨ବର୍ଷ ତଳେ ଏହି ମଞ୍ଚରେ ଭାଜପା ଓ ପାରାଦୀପ ବନ୍ଦର ପକ୍ଷରୁ ସବ୍‌କା ସାଥ୍, ସବ୍‌କା ବିକାଶ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଉପସ୍ଥିତ ୧୩ ଜଣ ଭାଜପା ନେତାଙ୍କୁ ଏକାକି ଦାମବାବୁ ବାକ୍ୟବାଣରେ ଭାରି ପଡିଥିଲେ। ପରିସ୍ଥିତି ଏପରି ହୋଇଥିଲା ଯେ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ୍ ଆଉ କଟାକ୍ଷ ନ କରିବାକୁ ଦାମଙ୍କୁ ଅନୁରୋଧ କରିଥିଲେ। ଏମିତିରେ ଧର୍ମେନ୍ଦ୍ରଙ୍କୁ ମଧ୍ୟ ବହୁବାର ଦାମ ସମାଲୋଚନା କରିଛନ୍ତି। କିନ୍ତୁ ଏବେ ସମୟ ବଦଳିଛି। ଦାମ ଆଉ ବିଜେଡିରେ ନାହାନ୍ତି। ତେଣୁ ବୁଧବାର କାର୍ଯ୍ୟକ୍ରମରେ ତାଙ୍କର ଆଭିମୁଖ୍ୟ କ'ଣ ରହିବ ତାହାକୁ ନେଇ ଆଲୋଚନା ଚାଲିଛି।

## ଧାରଣାରତ ଜମିହରା ଚାଷୀଙ୍କ ଉପରେ ନଜର

**ପାରାଦୀପ,୫।୨(ସ୍ୱ.ପ୍ର.)**

ପାରାଦୀପ ତୈଳ ବିଶୋଧନାଗାର ଆଗରେ ଗତ ୧ ତାରିଖରୁ ଜମିହରା କୃଷକ ଏକତା ମଞ୍ଚ ପକ୍ଷରୁ ଚାଲିଥିବା ଧାରଣା ମଙ୍ଗଳବାର ମଧ୍ୟ ବଳବତ୍ତର ରହିଛି। ବୁଧବାର କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀଙ୍କ ସହ ଧର୍ମେନ୍ଦ୍ର ପ୍ରଧାନ ଓ ଜୁଏଲ ଓରାମ ପାରାଦୀପ ଗସ୍ତରେ ଆସୁଥିବାବେଳେ ବିରୋଧ ପ୍ରଦର୍ଶନ କରାଯିବ ବୋଲି ଆନ୍ଦୋଳନକାରୀ ନେତା ସୁବାସ ମହାପାତ୍ର କହିଛନ୍ତି। ତେଣୁ ପୋଲିସ ପ୍ରଶାସନ ପକ୍ଷରୁ ଧାରଣକାରୀଙ୍କ ଉପରେ ନଜର ରଖାଯାଇଛି। ସୂଚନା ଅନୁଯାୟୀ, ନିଯୁକ୍ତି ଦାବି କରି ୧୭୫୨ ପରିବାର ବିଶୋଧନାଗାର ଆଗରେ ଧାରଣା ଚଳାଇଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପୋଲିସ ଧାରଣା ହଟାଇବା ପାଇଁ ୫୬ଜଣଙ୍କୁ ଉଠାଇନେବାରୁ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଏଥିପାଇଁ କେନ୍ଦ୍ରମନ୍ତ୍ରୀଙ୍କ ବିଶୋଧନାଗାର ପରିଦର୍ଶନ କାର୍ଯ୍ୟକ୍ରମ ବାତିଲ ହୋଇଛି। ବିଶୋଧନାଗାର ପାଇଁ ଯେଉଁ ପ୍ରକଳ୍ପ ହେବାର ଅଛି ତାହା ଗୋପବନ୍ଧୁ ଷ୍ଟାଡିୟମଠାରେ ଅନ୍‌ଲାଇନ୍ ଯୋଗେ ଲୋକାର୍ପିତ ହେବ।

## ଗଡ଼କରୀଙ୍କ ଗସ୍ତର କାର୍ଯ୍ୟସୂଚୀ

କେନ୍ଦ୍ରମନ୍ତ୍ରୀ ଗଡକରୀ ପୂର୍ବାହ୍ନ ୧୦ଟାରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚି ୧୦ଟା ୩୦ ସୁଦ୍ଧା କାମାକ୍ଷାନଗରଠାରେ ହେବାକୁ ଥିବା କାର୍ଯ୍ୟକ୍ରମକୁ ଯିବେ। ସେଠାରୁ ଫେରି ମଧ୍ୟାହ୍ନ ୧୨ଟାରେ ପାରାଦୀପରେ ପହଞ୍ଚିବେ। ଏଠାରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ ପରେ ୧୨ଟା ୫୦ରେ ଭୁବନେଶ୍ୱର ଫେରିବେ। ସେଠାରେ ଦଳୀୟ କାର୍ଯ୍ୟାଳୟରେ ହେବାକୁ ଥିବା ବୈଠକରେ ଯୋଗଦେଇ ସେ ଦିଲ୍ଲୀ ଫେରିଯିବେ ବୋଲି ଜଣାପଡିଛି।

## ସଂକ୍ଷେପରେ

### ଗଡ଼କରୀଙ୍କୁ ଭେଟିଲେ କୁଳମଣି

**କୁଜଙ୍ଗ,୫।୨(ସ୍ୱ.ପ୍ର.):** ଜଗତ୍‌ସିଂହପୁର ଏମ୍‌ପି ଡା. କୁଳମଣୀ ସାମଲ ସୋମବାର କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ପାରାଦୀପର ବିଭିନ୍ନ ସମସ୍ୟା ଓ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଜଣାଇଛନ୍ତି। ଏହି ସାକ୍ଷାତକାର ଅବସରରେ ସାମଲ କହିଛନ୍ତି ଯେ, ପାରାଦୀପ ବନ୍ଦର ବିକାଶ କ୍ଷେତ୍ରରେ ଏହାର କର୍ମଚାରୀ ଓ ଅଧିକାରୀଙ୍କ ବଡ଼ ଯୋଗଦାନ ରହିଛି। ବନ୍ଦର କର୍ମଚାରୀ ଓ ଅଧିକାରୀଙ୍କ ଦରମା ସଂଶୋଧନ ଓ ପୁନର୍ନିର୍ଦ୍ଧାରଣ ପାଇଁ ଦାବି ହୋଇଥିଲା। କିନ୍ତୁ ଏହା ପୂରଣ ହୋଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଚେନ୍ନାଇ ନ୍ୟାୟାଳୟରେ ପଡ଼ିରହିଥିବା ଏକ ମାମଲା ଯୋଗୁ ଏହି ଅଚଳାବସ୍ଥା ସୃଷ୍ଟି ହୋଇଥିବା ସେ କହିଛନ୍ତି। ଏହାର ଯଥାଶୀଘ୍ର କିପରି ଭାବେ ଶୁଣାଣି ହୋଇପାରିବ ତାହାର ବ୍ୟବସ୍ଥା କରିବାକୁ ଏମପି ସାମଲ ଦାବି କରିଛନ୍ତି।

### ରାସ୍ତାରେ ହେଲିପ୍ୟାଡ୍

**ପାରାଦୀପ,୫।୨(ସ୍ୱ.ପ୍ର.):** କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ ପାଇଁ ସମାବେଶସ୍ଥଳ, ସଭାମଞ୍ଚ ଓ ହେଲିପ୍ୟାଡ୍ ଆଦି ଆକର୍ଷଣୀୟ କରାଯାଇଛି। ସମସ୍ତ କାମ ପାରାଦୀପ ବନ୍ଦର ଓ ତୈଳ ବିଶୋଧନାଗାର ପକ୍ଷରୁ ମିଳିତ ଭାବେ କରାଯାଇଛି। ପାରାଦୀପ ବନ୍ଦରର ନିଜସ୍ୱ ହେଲିପ୍ୟାଡ୍ ନେହେରୁ ବଙ୍ଗଳାଠାରେ ରହିଛି। ପୂର୍ବରୁ ଏଠାରେ ହିଁ ସମସ୍ତ ହେଲିକାପ୍ଟର ଅବତରଣ କରୁଥିଲା। କିନ୍ତୁ ଚଳିତଥର ଉକ୍ତ ସ୍ଥାୟୀ ହେଲିପ୍ୟାଡ୍ ବଦଳରେ ମେରାଇନ୍ ଡ୍ରାଇଭ ରାସ୍ତାରେ କେନ୍ଦ୍ରମନ୍ତ୍ରୀଙ୍କ ହେଲିକାପ୍ଟର ଓହ୍ଲାଇବ। ନେହେରୁ ବଙ୍ଗଳା ରାସ୍ତା ଖରାପ ଓ ଅଠରବାଙ୍କୀ ଅଞ୍ଚଳରେ ଅତ୍ୟଧିକ ପ୍ରଦୂଷଣ ଯୋଗୁ ଏପରି କରାଯାଇଥିବା କୁହାଯାଉଛି। ଅନ୍ୟପକ୍ଷରେ ଷ୍ଟାଡିୟମକୁ ସଂଯୋଗ ରାସ୍ତାରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୋଲିସ କେତେକ କଟକଣା ଲଗାଇଛି ବୋଲି ଏଏସ୍‌ପି ବିଷ୍ଣୁ ଚରଣ ମିଶ୍ର କହିଛନ୍ତି।

କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତକୁ ନେଇ ବିଜେଡିର ପ୍ରତିକ୍ରିୟା

## ପୂର୍ବ ପ୍ରତିଶ୍ରୁତି ପାଳନ କରିନାହାନ୍ତି ଗଡ଼କରୀ

**ପାରାଦୀପ,୫।୨(ସ୍ୱ.ପ୍ର.)**

କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀଙ୍କ ପାରାଦୀପ ଗସ୍ତକୁ ନେଇ ମଙ୍ଗଳବାର ପାରାଦୀପ ବିଜେଡି ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ନଗର ବିଜେଡି ସଭାପତି ସୁମନ୍ତ ବିଶ୍ୱାଳ, ସମ୍ପାଦକ ବସନ୍ତ ବିଶ୍ୱାଳ ପ୍ରମୁଖ କହିଛନ୍ତି ଯେ, ଯେଉଁସବୁ ପ୍ରକଳ୍ପକୁ ଗଡ଼କରୀ ଉଦ୍‌ଘାଟନ ଓ କାର୍ଯ୍ୟକ୍ଷମ କରିବେ ସେଗୁଡିକ ପୂର୍ବରୁ କାର୍ଯ୍ୟକ୍ଷମ ହୋଇସାରିଛି। ଏବେ କେବଳ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଦଳୀୟ ପ୍ରଚାର ପ୍ରସାର କରାଯାଉଛି। ଏଥିରେ ସରକାରୀ ଅର୍ଥ ଶ୍ରାଦ୍ଧ ହେଉଛି। ୨୦୧୩ରେ ଉପା ସରକାର ପାରାଦୀପରେ ଏଲ୍‌ପିଜି ଟର୍ମିନାଲ କରିବେ ବୋଲି ଘୋଷଣା କରିଥିଲେ। ୨୦୧୪ରେ ଏନଡିଏ ସରକାର ଆସିବା ପରେ ଉକ୍ତ ପ୍ରକଳ୍ପକୁ ଘରୋଇ ବନ୍ଦର ଧାମରାକୁ ସ୍ଥାନାନ୍ତର କରିଛନ୍ତି। ଏବେ ପୁଣି ୦.୬ ମିଲିୟନ ମେଟ୍ରିକଟନ୍ ଆମଦାନୀ ଭିତ୍ତିକ ଟର୍ମିନାଲ କରାଯାଉଛି। ଏଥିରେ ସ୍ଥାନୀୟ ଅଞ୍ଚଳର ଲୋକେ କ'ଣ ପାଇବେ ବୋଲି ବିଜେଡି ନେତାମାନେ ପ୍ରଶ୍ନ କରିଛନ୍ତି। ୨୦୧୫ ଜୁଲାଇ ୧୦ରେ ଗଡ଼କରୀ ପାରାଦୀପ ଗସ୍ତରେ ଆସିଥିବାବେଳେ ଅନେକ ଘୋଷଣା କରିଥିଲେ। ଯେଉଁଥିରେ ପାରାଦୀପରେ ସୁପର ସ୍ପେଶିଆଲିଟି ହସ୍ପିଟାଲ ନିର୍ମାଣ, ସ୍ମାର୍ଟ ପୋର୍ଟ ସିଟି ଓ ଅନ୍ୟାନ୍ୟ ପ୍ରକଳ୍ପ ଥିଲା। ଏହା ମଧ୍ୟରେ ସାଢେ ୩ ବର୍ଷ ବିତିଥିଲେ ମଧ୍ୟ ସୁପର ସ୍ପେଶିଆଲିଟି ହସ୍ପିଟାଲ ହୋଇପାରିନି। ସ୍ମାର୍ଟ ପୋର୍ଟ ସିଟି ଏବେ ସ୍ମାଟ୍ ଡଷ୍ଟ ସିଟିରେ ପରିଣତ ହୋଇଛି। ଯେଉଁ ୧୧ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ ସ୍ୱପ୍ନ ଦେଖାଯାଉଛି, ସେଥିରେ ସାଧାରଣ ଲୋକେ କିଛି ପାଇବେ ନାହିଁ। ଅନ୍ୟପକ୍ଷରେ ବିଶୋଧନାଗାର ପାଇଁ ଜମି ହରାଇଥିବା ଲୋକେ ବର୍ତ୍ତମାନ ନିଯୁକ୍ତି ପାଇଁ ଧାରଣାରେ ବସିଥିବାବେଳେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ସେମାନଙ୍କ ଦୁଃଖ ନବୁଝି ଉଦ୍‌ଘାଟନ ଉତ୍ସବକୁ ଆସିବା ଦୁର୍ଭାଗ୍ୟଜନକ ବୋଲି ବିଜେଡି ନେତାମାନେ କହିଛନ୍ତି।



## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ୬ ବଖରା ଜଳିଗଲା

ରାଜନଗର,୫।୨(ଡିଏନଏ): ରାଜନଗର ବ୍ଲକ ରାଜପୁର ପଞ୍ଚାୟତ ବଳଭଦ୍ରପ୍ରସାଦ ଗାଁରେ ସୋମବାର ରାତିରେ ଅଗ୍ନିକାଣ୍ଡ ଘଟି ୫ଟି ପରିବାରର ୬ ବଖରା ପୋଡିଯାଇଛି। ଘର ନିକଟରେ ଥିବା ଅଳିଆଗଦାରୁ ନିଆଁ ଉଠି ପ୍ରଥମେ ବସନ୍ତ ରାଉତଙ୍କ ଘରେ ଲାଗିଥିଲା। ଚାହୁଁ ଚାହୁଁ ଏହା ପଡୋଶୀ ବୀରକିଶୋର ରାଉତ, କେଶବ ରାଉତ, ସହଦେବ ରାଉତ, କାର୍ତ୍ତିକ ରାଉତଙ୍କ ଘରକୁ ବ୍ୟାପି ଯାଇଥିଲା । ଫଳରେ ଧାନ, ଚାଉଳ ସମେତ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ନିଆଁ ଲିଭାଳୀ ଦଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ହେଁ ଅଗ୍ନିକାଣ୍ଡରୁ କୌଣସି ଜିନିଷ ଉଦ୍ଧାର ହୋଇ ପାରିନାହିଁ।

### ଉତ୍କଳ ଗୌରବ ମଧୁବାବୁଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

ମାର୍ଶାଘାଇ,୫।୨(ଡିଏନଏ) ମାର୍ଶାଘାଇ ତହସିଲ ଆଇନଜୀବୀମାନଙ୍କ ତରଫରୁ ସୋମବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ ଆଇନଜୀବୀମାନେ ମଧୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ତାଙ୍କ ତ୍ୟାଗପୂତ ଜୀବନ ସଂପର୍କରେ ଆଲୋକପାତ କରିଥିଲେ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଏବଂ ଆଇନଜୀବୀ ଭାବେ ତାଙ୍କର ଆଦର୍ଶକୁ ଉପସ୍ଥିତ ସଦସ୍ୟମାନେ ସ୍ମୃତିଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ତହସିଲ ଆଇନଜୀବୀ ସଂଘ ସଭାପତି ବିଚିତ୍ରାନନ୍ଦ ବେହେରା,ସଂପାଦକ ଦିଲୀପ କୁମାର ସ୍ୱାଇଁ,ସହ ସଂପାଦକ ଯଶୋବନ୍ତ ରାଉତ,କୋଷାଧକ୍ଷ ବିଚିତ୍ରାନନ୍ଦ ରାଉତ, ଉପଦେଷ୍ଟା ମଣ୍ଡଳୀ ସଭ୍ୟ ଶଙ୍କର୍ଷଣ ରାଉତ,ପ୍ରତାପ ନାୟକ,ରଞ୍ଜିତ ମହାପାତ୍ର,କ୍ଷୀତିଶ ସାମଲ,ପ୍ରବୀର ଦାସ,ଅଭିମନ୍ୟୁ ମଲିକ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

### ଠାକୁର ଅଭିରାମ ପରମହଂସଙ୍କ ଜନ୍ମୋତ୍ସବ

ଡେରାବିଶ, ୫।୨ (ସ୍ୱ.ପ୍ର.): ଡେରାବିଶ ବ୍ଲକ ଅଧୀନ ମୁକୁନ୍ଦପୁର ପଞ୍ଚାୟତ ପାଣିଓଳାସ୍ଥିତ ଶାନ୍ତି ଆନନ୍ଦାଶ୍ରମରେ ସୋମବାର ଠାକୁର ଅଭିରାମ ପରମହଂସଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରାତଃରୁ ମଙ୍ଗଳଆଳତି ପରେ ଆଶ୍ରମ ପରିସରରେ ଥିବା ମା' ପୌର୍ଣ୍ଣମାସୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ନଗର ସଙ୍କୀର୍ତ୍ତନ କରାଯାଇଥିଲା। ପୂର୍ବାହ୍ନରେ ମନ୍ଦିର ପରିସରରେ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଥିଲା। ଭକ୍ତ ସମିତି ଦ୍ୱାରା ଆୟୋଜିତ ଏହି ଉତ୍ସବରେ ଶହ ଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

### ବାଳିକା ଆତ୍ମରକ୍ଷା ତାଲିମ ଶିବିର

ମାର୍ଶାଘାଇ,୫।୨ (ଡିଏନ୍ଏ) ମାର୍ଶାଘାଇ କନିଷ୍ଠ ମହିଳା ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ତାଲିମ ଶିବିର ଇତିମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷା ଜୋସ୍ନାମୟୀ ମହାପାତ୍ର ସଭାପତିତ୍ୱ କରିଥିଲେ । ଜିଲା ଆତ୍ମରକ୍ଷା ତାଲିମ ଶିବିରର ସଂଯୋଜକ ତଥା ଚିତ୍ରୋତ୍ପଳା ମହାବିଦ୍ୟାଳୟର ଅଧକ୍ଷ ଡ.ବଳରାମ ଲେଙ୍କା ମୁଖ୍ୟଅତିଥି ଭାବେ ଯୋଗଦେଇ ଆଜିର ସମାଜରେ ମହିଳାମାନଙ୍କ ସୁରକ୍ଷା ପାଇଁ ଶିକ୍ଷାନୁଷ୍ଠାନଗୁଡିକରେ ତାଲିମ ଶିବିର ହେବା ସ୍ୱାଗତ ଯୋଗ୍ୟ ବୋଲି କହିଥିଲେ । ୧୨ ଦିନ ଧରି ପ୍ରଶିକ୍ଷିକା ପୁଷ୍ପାଞ୍ଜଳୀ ନାୟକ ଛାତ୍ରୀଛାତ୍ର ମାନଙ୍କୁ ଆତ୍ମରକ୍ଷା ତାଲିମ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ମାଧବ ନାୟକ ,ପୋଗ୍ରାମ ଅଫିସର ଅଧାପକ ଦୀପକ କୁମାର ସ୍ୱାଇଁ ,ସୁବାସ ସାହୁ , ହାଡ଼ିବନ୍ଧୁ ଦାସ ମଞ୍ଚାସୀନ ଥିଲେ । ଅଧାପକ ଦିପକ ଦଳାଇ ,ସୁନିଲ ଲେଙ୍କା ,ସନ୍ତୋଷ ପରିଡ଼ା ,ନବଘନ ସେଠୀ, ଶାନ୍ତିଲତା ପ୍ରଧାନ ,ଜୟନ୍ତୀ ସାହୁ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ତାଲିମପ୍ରାପ୍ତ ଛାତ୍ରୀମାନେ ଉଦ୍‌ଯାପନୀ ଉତ୍ସବରେ ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରିଥିଲେ ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ବିଦେଶରେ ବଢୁଛି ଲହଡ଼ା ମାଛ ଚାହିଦା

- ଦୃଷ୍ଟିଶକ୍ତି ବୃଦ୍ଧି କରିବାରେ ସହାୟକ ହୁଏ
- ପାରାଦୀପ ବନ୍ଦରରୁ ଚାଲାଣ ହେଉଛି ମାଛ

**ମହାକାଳପଡା, ୫।୨ (ଡି.ଏନ.ଏ.)**

ମହାକାଳପଡା ବ୍ଲକର ଉପକୂଳବର୍ତ୍ତୀ ସମୁଦ୍ରରେ ବିଭିନ୍ନ ପ୍ରକାର ମାଛ ମିଳିଥାଏ। ସେଗୁଡିକ ମଧ୍ୟରେ ଶାଙ୍କୁଚ, ମଗର, ଡଲଫିନ, ବାଗଦା ଚିଙ୍ଗୁଡ଼ି, କଣୀ, ସାଁଳ, ଇଲିଶି ଓ ପାମ୍ଫ୍ଲେଟ ଆଦି ପ୍ରମୁଖ ଥିବା ବେଳେ ଲହଡ଼ା (ଲୋଟେ) ମାଛର ଦେଶ ବିଦେଶରେ ବହୁଳ ଚାହିଦା ରହିଛି। ସେଥିପାଇଁ ଜାହାଜ ଯୋଗେ ଏହି ମାଛକୁ ଦେଶ ବିଦେଶକୁ ଚାଲାଣ କରାଯାଉଛି।

ସୂଚନାଯୋଗ୍ୟ, ଲହଡ଼ା ମାଛରେ ଅନେକ ଔଷଧୀୟ ଗୁଣ ରହିଛି। ଏହି ମାଛ ସୁସ୍ୱାଦୁ ହେବା ସହ ଦୃଷ୍ଟିଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ। ଏହାଛଡା ଏହି ମାଛରେ ପ୍ରଚୁର ଭିଟାମିନ ରହିଛି ବୋଲି ବୁଦ୍ଧିଜୀବୀମାନେ କହନ୍ତି। ଏଥିଯୋଗୁ ଦେଶ ଓ ବିଦେଶର ଚକ୍ଷୁ ରୋଗୀମାନେ ଏହି ମାଛକୁ ଚଢ଼ା ମୂଲ୍ୟରେ କ୍ରୟ କରିଥାନ୍ତି। ମତ୍ସ୍ୟଜୀବୀମାନେ ଅଧିକ ଲାଭ ଆଶାରେ ଏହାକୁ ବିଦେଶକୁ ଚାଲାଣ କରିଥାନ୍ତି। ସ୍ଥାନୀୟ ବଜାରରେ ଏହି ମାଛକୁ ୫୦ରୁ ୧୦୦ ଟଙ୍କା ଦରରେ ବିକ୍ରୟ କରାଯାଉଥିବା ବେଳେ ମୁମ୍ବାଇ ଓ କଲିକତାରେ ଏହାର ମୂଲ୍ୟ ୨୦୦ରୁ ୩୦୦ ଟଙ୍କା ରହିଛି। ବିଦେଶରେ ଏହାର ଦର ଆହୁରି ଅଧିକ ରହିଛି। ଏଠାକାର ଜଳବାୟୁ ଏହି ମାଛର ବଂଶ ବୃଦ୍ଧିରେ ସହାୟକ ହୋଇଥାଏ। ବିଶେଷ କରି ବର୍ଷର ପୌଷ, ମାଘ ଓ ଫାଲଗୁନ ମାସରେ ଲହଡ଼ା ମାଛ ଏଠାରେ ପ୍ରଚୁର ପରିମାଣରେ ମିଳେ ବୋଲି ସ୍ଥାନୀୟ ମତ୍ସ୍ୟଜୀବୀମାନେ କହନ୍ତି। ଏହି ସମୟରେ ସ୍ଥାନୀୟ ମତ୍ସ୍ୟଜୀବୀମାନେ ଜାଲରେ ମାଛ ଧରି ପାରାଦୀପ ବନ୍ଦରକୁ ନେଇଥାନ୍ତି। ସେଠାରେ ଜାହାଜ ଯୋଗେ ଟନ୍ ଟନ୍ ମାଛ ପ୍ୟାକିଂ କରି ପ୍ରଥମେ କଲିକତା ଓ ମୁମ୍ବାଇକୁ ପଠାଯାଏ। ସେଠାରୁ ଚାଇନା ଓ ଦୁବାଇକୁ ଏହି ମାଛ ଚାଲାଣ କରାଯାଏ ବୋଲି ନାରଣ ମଣ୍ଡଳ, ସନ୍ନ୍ୟାସୀ ମଣ୍ଡଳ, ରଜନୀକାନ୍ତ ମଣ୍ଡଳ ଓ ବରୁଣ ମଣ୍ଡଳ ପ୍ରମୁଖ ମତ୍ସ୍ୟଜୀବୀ କହିଛନ୍ତି।


ସମୁଦ୍ରରୁ ଧରାଯାଇଥିବା ଲହଡ଼ା ମାଛ।

## ■କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ

# ଫେବୃୟାରୀ ୧୧ରୁ ହୀରକ ଜୟନ୍ତୀ

**କେନ୍ଦ୍ରାପଡା ଅଫିସ, ୫।୨**

ଫେବୃୟାରୀ ୧୧ରୁ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ହୀରକ ଜୟନ୍ତୀ ଉତ୍ସବ ଆରମ୍ଭ ହେବାକୁ ଯାଉଛି। ୩ଦିନ ଧରି ଆୟୋଜିତ ହେବାକୁ ଥିବା ଏହି ଉତ୍ସବ ପାଇଁ ମହାବିଦ୍ୟାଳୟ ପରିସରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସମ୍ମିଳନୀରେ ଅଧକ୍ଷ ବିଦ୍ୟୁମିତ୍ର ବଳ, ପୁରାତନ ଛାତ୍ର ସଂସଦ ସଭାପତି ନନ୍ଦକିଶୋର ପରିଡ଼ା, ପ୍ରାଧାପକ ଦୁର୍ଯ୍ୟୋଧନ ପରିଡ଼ା, ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ଜ୍ଞାନୀନ୍ଦ୍ର ଦାଶ, ଅଧାପକ ରଣଜିତ ଦାସ ପ୍ରମୁଖ ଯୋଗଦେଇଥିଲେ। ସେମାନେ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ, ମହାବିଦ୍ୟାଳୟ ପ୍ରତିଷ୍ଠାକୁ ଇତିମଧ୍ୟରେ ୬୦ ବର୍ଷ ବିତିଛି । ଏହି ସମୟ ମଧ୍ୟରେ ମହାବିଦ୍ୟାଳୟଟି ରାଜ୍ୟର ଏକ ସ୍ୱନାମଧନ୍ୟ ଅନୁଷ୍ଠାନ ଭାବେ ଉଭା ହୋଇଛି । ହୀରକ ଜୟନ୍ତୀର ପ୍ରଥମ ଦିବସରେ ପୁରାତନ ଛାତ୍ରୀଛାତ୍ରଙ୍କ ଏକ ସମାବେଶ ଅନୁଷ୍ଠିତ ହେବ। ଏଥିସହ ହୀରକ ଜୟନ୍ତୀର ଉଦ୍‌ଘାଟନ ହେବ । ପୂର୍ବାହ୍ନରେ ଗଣଦୌଡ଼ ଆୟୋଜନ କରାଯାଇଛି। ଦ୍ୱିତୀୟ ଦିବସକୁ କଲେଜ ପ୍ରତିଷ୍ଠା ଦିବସ ଭାବେ ପାଳନ କରାଯିବ । ଏହି ଅବସରରେ ପୁରାତନ ଛାତ୍ର ପରମହଂସ ପ୍ରଜ୍ଞାନାନନ୍ଦଜୀଙ୍କୁ ଦୀନବନ୍ଧୁ ସାହୁ ସ୍ମୃତି ସମ୍ମାନ ପ୍ରଦାନ କରାଯିବା ସହ ପ୍ରତିଷ୍ଠା ଦିବସର ସ୍ମାରକୀ ସ୍ୱରୂପ ଏକ ସ୍ୱତନ୍ତ୍ର ଲଫାପା ମଧ୍ୟ ପ୍ରକାଶ ପାଇବ । ତୃତୀୟ ଦିନ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ମହାବିଦ୍ୟାଳୟର ସ୍ମରଣିକା ଲୋକାର୍ପଣ କରାଯିବ। ଜୟନ୍ତୀ ଉପଲକ୍ଷେ ୮ରେ ମେଗା ରକ୍ତଦାନ ଶିବିର, ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ ଏକ କର୍ମଶାଳା ଆୟୋଜନ କରାଯିବ ବୋଲି ଖବରଦାତା ସମ୍ମିଳନୀରୁ ସୂଚନା ମିଳିଛି।

# ଏନ୍‌ଜେନ କାର୍ଯ୍ୟାଳୟରୁ ଚୋରି

**ରାଜନଗର, ୫।୨(ଡିଏନଏ)**

ରାଜନଗର ବ୍ଲକ ଅନ୍ତର୍ଗତ ସାନବଡଗୋପାଳପୁରର ଘାଟରୋଡରେ ଥିବା ଏନ୍‌ଜେନ କାର୍ଯ୍ୟାଳୟରୁ ସୋମବାର ରାତିରେ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଚୋରି ହୋଇଯାଇଛି । ଏ ନେଇ ଏନ୍‌ଜେନର ସେକ୍ସନ-୧ ଜେଇ ରାଜୀବ ସାହୁ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ସାନବଡଗୋପାଳପୁରର ଏକ ଭଡାଘର ୩ୟ ମହଲାରେ ଏନ୍‌ଜେନ କାର୍ଯ୍ୟାଳୟ ଚାଲିଛି। ମଙ୍ଗଳବାର ସକାଳେ ଘର ମାଲିକ ଉପର ମହାଲାକୁ ଯିବା ବେଳେ ଏନ୍‌ଜେନ କାର୍ଯ୍ୟାଳୟର ତାଲା କଟାହୋଇ ପଡିଥିବା ଦେଖିଥିଲେ। ଏ ନେଇ ସେ ବିଭାଗୀୟ ଅଧିକାରୀଙ୍କୁ ଖବର ଦେଇଥିଲେ। ପୋଲିସ ଓ ବିଭାଗୀୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି କାର୍ଯ୍ୟାଳୟର ଦୁଇଟି ତାଲାକୁ ଗ୍ୟାସ କଟରରେ କଟାଯାଇଥିବା ବେଳେ ଦୁଇଟି ଗଡରେଜ, ଟେବୁଲ ଲକରକୁ ତାଡି ଦିଆଯାଇ ଥିବା ଦେଖିବାକୁ ପାଇଥିଲେ। ଚୋରମାନେ କାର୍ଯ୍ୟାଳୟରେ ଥିବା କମ୍ପ୍ୟୁଟରଗୁଡିକର ୩ଟି ମନିଟର, ମିଟର ରିଡିଙ୍ଗ ନିଆଯାଉଥିବା ୬ଟି ବିଲିଂ ପ୍ରିଣ୍ଟର ଓ ନଗଦ ୧୨ ହଜାର ଟଙ୍କା ଲୁଟି ନେଇଛନ୍ତି। ସୋମବାର ଗତମାସର କ୍ଲୋଜିଂ ପରେ ପ୍ରାୟ ୪ ଲକ୍ଷ ଟଙ୍କା ବ୍ୟାଙ୍କରେ ଡିପୋଜିଟ କରାଯାଇଥିଲା। ଡିପୋଜିଟ ପରେ କଲେକ୍ସନ ହୋଇଥିବା ୧୨ ହଜାର ଟଙ୍କା କାର୍ଯ୍ୟାଳୟରେ ଥିଲା। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ସନ୍ଧ୍ୟାରେ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ପୋଲିସ ତଦନ୍ତ ଚଳାଇଛି । ପୋଲିସ କୁକୁର ଉକ୍ତ କାର୍ଯ୍ୟାଳୟଠାରୁ ୨ଶହ ମିଟର ଦୂରରେ ଥିବା ଡିଆପାରି ଗାଁର ଜଣେ ବ୍ୟକ୍ତିଙ୍କ ଘର ମଧ୍ୟକୁ ପଶି ସେହିଠାରେ ବାରମ୍ବାର ଭୁକିଥିଲା। ଫଳରେ ପୋଲିସ ସଦଳବଳେ ସେହି ଘର ଉପରେ ଚଢାଉ ଜାରି ରଖିଛି। ସୂଚନାଯୋଗ୍ୟ ଯେ, ଗତ ୩୦ ତାରିଖ ଦିନ ରାଜନଗର ବଜାରରେ ଥିବା ଶ୍ରୀମତୀ ଅଳଙ୍କାର ଦୋକାନରୁ ଚୋରମାନେ ୧୫ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଥିଲେ ହେଁ ଅଦ୍ୟାବଧି ଚୋରମାନଙ୍କ ପତ୍ତା ମିଳିନାହିଁ ।


ଏନ୍‌ଜେନ କାର୍ଯ୍ୟାଳୟରେ ପୋଲିସର ତଦନ୍ତ।

# ନାବାଳିକାଙ୍କ ଅଶ୍ଳୀଳ ଫଟୋ ଭାଇରାଲ୍, ଥାନାରେ ଏତଲା

**ପଟ୍ଟାମୁଣ୍ଡାଇ,୫।୨ (ସ୍ୱ.ପ୍ର)**

ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ଅଶ୍ଳୀଳ ଫଟୋ ସୋସିଆଲ ମିଡିଆରେ ଭାଇରାଲ୍ ହେବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି । ଏଥିନେଇ ନାବାଳିକା ଛାତ୍ରୀ ଜଣକ ଲଜ୍ଜିତ ମନେ କରି ନିଜର ସୁରକ୍ଷା ପାଇଁ ପଟ୍ଟାମୁଣ୍ଡାଇ ଥାନାରେ ମଙ୍ଗଳବାର ଅପରାହ୍ନରେ ଲିଖିତ ଅଭିଯୋଗ କରିଛନ୍ତି । ନାବାଳିକା ଜଣକ ଦର୍ଶାଇଛନ୍ତି ଯେ, ଜଣେ ଯୁବକ ତାଙ୍କ ଫଟୋକୁ ଉଠାଇ ଏକ ଅଶ୍ଳୀଳ ଫଟୋ ସହିତ ଯୋଡି ଏକ ଫେକ୍ ଆଇଡି ଖୋଲି ସୋସିଆଲ ମିଡିଆରେ ଛାଡି ଦେଇଛନ୍ତି । ଫଳରେ ତାଙ୍କର ସାମାଜିକ ତଥା ଆତ୍ମସମ୍ମାନରେ ଘୋର ଆଞ୍ଚ ଆସିଛି ବୋଲି ସେ ଏତଲାରେ ଦର୍ଶାଇଛନ୍ତି ।

## ■ନାବାଳିକାଙ୍କ ସହ ଅନୈତିକ ସମ୍ପର୍କ ମାମଲା

# ୪ ବର୍ଷ ପରେ ମୁଖ୍ୟ ଅଭିଯୁକ୍ତ ଗିରଫ

**ପଟ୍ଟାମୁଣ୍ଡାଇ, ୫।୨ (ସ୍ୱ.ପ୍ର.)**

ନାବାଳିକାଙ୍କ ସହ ଅନୈତିକ ସମ୍ପର୍କ ଅଭିଯୋଗରେ ପୋଲିସ ୪ ବର୍ଷ ପରେ ସଂପୃକ୍ତ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ପ୍ରକାଶ ଯେ, ପଟ୍ଟାମୁଣ୍ଡାଇ ବ୍ଲକର ଜଣେ ନାବାଳିକାଙ୍କ ସହ ସ୍ଥାନୀୟ ଅଞ୍ଚଳର ୨ଜଣ ଯୁବକ ଅନୈତିକ ସମ୍ପର୍କ ରଖିଥିଲେ । ଫଳରେ ନାବାଳିକା ଜଣକ ୨୦୧୪ ମସିହା ଅକ୍ଟୋବର ୨୮ତାରିଖରେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ । ଏଥିନେଇ ନାବାଳିକାଙ୍କ ବାପା ପଟ୍ଟାମୁଣ୍ଡାଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଥାନା କେସ ନଂ-୨୫୭/୧୪ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ମାତ୍ର ପୋଲିସ ତଦନ୍ତରେ ଶିଥିଳତା ଯୋଗୁ ଅଭିଯୁକ୍ତ ଦୁହେଁ ଫେରାର ହୋଇଯିବାକୁ ସକ୍ଷମ ହୋଇଥିଲେ । ପଟ୍ଟାମୁଣ୍ଡାଇ ଥାନା ଆଇଆଇସି ପ୍ରମୋଦ କୁମାର ମଲିକ ଫେରାର ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିବା ପାଇଁ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରିଥିଲେ । ଶେଷରେ ଦୁହିଁଙ୍କ ମୋବାଇଲକୁ ଆଧାର କରି ଓଡିଶା ବାହାରେ ରହୁଥିବା ମୁଖ୍ୟ ଅଭିଯୁକ୍ତ ଦେବାଶିଷ ମହାନ୍ତିଙ୍କୁ ସୋମବାର ସ୍ୱତନ୍ତ୍ର ସ୍କ୍ୱାଡ୍ ଗିରଫ କରିଛି । ଅନ୍ୟ ଅଭିଯୁକ୍ତ ଜଣକ ଏବେ ବି ଫେରାର ଅଛନ୍ତି। ସଂପୃକ୍ତ ନାବାଳିକା ଓ ତାଙ୍କ କନ୍ୟାଙ୍କ ଡିଏନଏ ପରୀକ୍ଷା ପାଇଁ ରକ୍ତନମୁନା ସଂଗ୍ରହ କରାଯାଇଛି । ଗିରଫ ଅଭିଯୁକ୍ତ ଦେବାଶିଷଙ୍କ ରକ୍ତନମୁନା ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ମେଡିକାଲରେ ସଂଗ୍ରହ କରାଯାଇଛି । ଡିଏନଏ ପରୀକ୍ଷା ରିପୋର୍ଟ ଆସିଲା ପରେ ପ୍ରକୃତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ଆଇଆଇସି ମଲିକ କହିଛନ୍ତି। ମଙ୍ଗଳବାର ଅପରାହ୍ନରେ ଅଭିଯୁକ୍ତଙ୍କୁ ପଟ୍ଟାମୁଣ୍ଡାଇ କୋର୍ଟ ଚାଲାଣ କରାଯାଇଛି । ଅନ୍ୟପକ୍ଷରେ ପୋଲିସ ପଦକ୍ଷେପ ନେବାରେ ଅବହେଳା କରିଥିବା ଅଭିଯୋଗରେ ତତ୍‌କାଳୀନ ପଟ୍ଟାମୁଣ୍ଡାଇ ଥାନା ଅଧିକାରୀ ବାରେଣି ଦାସ ଓ ଚଉଦକୁଳାଟ ଫାଣ୍ଡି ଅଧିକାରୀ ବସନ୍ତ କୁମାର ଶତପଥୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ତଦନ୍ତ ଜାରି ରହିଛି ।

# ଗହୀରମଥାରୁ ୨ ଟ୍ରଲର ଜବତ, ୧୫ ମତ୍ସ୍ୟଜୀବୀ ଗିରଫ

**ରାଜନଗର, ୫।୨(ଡିଏନଏ)**

ରାଜନଗର ବ୍ଲକ ଭିତରକନିକା ସଂଲଗ୍ନ ଗହୀରମଥା ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ଦୁଇଟି ଟ୍ରଲର ମଙ୍ଗଳବାର ଜବତ ହେବା ସହିତ ଏଥିରେ ଥିବା ୧୫ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ଜବତ ଟ୍ରଲରରୁ ୨୦ କୁଇଣ୍ଟାଲ ମାଛ ଜବତ କରାଯାଇଛି। ଜବତ ଟ୍ରଲର ବାଲେଶ୍ୱର ଅଞ୍ଚଳର ବୋଲି ଜଣାପଡିଛି। ରାଜା ତାରିଣୀ ଟ୍ରଲର ଓ ଜଗତମାତା-୨ ଟ୍ରଲରରେ ଥିବା ମତ୍ସ୍ୟଜୀବୀ ଗୌରାଙ୍ଗ ମାଇତି, ବିଚିତ୍ର ସାହୁ, ଚନ୍ଦ୍ରଭାନୁ ମହାପାତ୍ର, କୁଶ ଦାସ, ମୁନା ଗିରି, ବିକ୍ରମ ଦାସ, ଅନନ୍ତ ମହାନ୍ତି , କେଦାର ସିଂ, ଶ୍ୟାମ ସିଂ, ବାଇଧର ମହାଳିକ, ବିଜୟ କ୍ରିଷ୍ଣା ଜାନା, ରମେଶ ମହାନ୍ତି , ପ୍ରଭାକର ମଳିକ, ଖଲ୍ଲିମ ଉଦ୍ଦିନ ଖାଁ ଓ ବିଶ୍ୱନାଥ ସାହାଣୀଙ୍କୁ ଗିରଫ କରାଯାଇଛି। ସେମାନଙ୍କୁ ବୁଧବାର କୋର୍ଟ ଚାଲାଣ କରାଯିବ। ଦୁଇଟି ଟ୍ରଲରକୁ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ହୁକିଟୋଲା ନିକଟରୁ ଜବତ କରାଯାଇଛି। ଗହୀରମଥା ଏସିଏଫ ଶ୍ରୀରାମପଦ ଅରବିନ୍ଦ ମିଶ୍ରଙ୍କ ନେତୃତ୍ୱରେ ବନବିଭାଗର ପାଟ୍ରୋଲିଂ ଟିମ୍ କଇଁଛମାନଙ୍କ ସୁରକ୍ଷା ପାଇଁ ଗଭୀର ସମୁଦ୍ରରେ ପଇଁତରା ଦେଉଥିବା ବେଳେ ଏହି ଟ୍ରଲର ଦୁଇଟିକୁ ଜବତ କରିଥିଲେ।

## ■ପୁସ୍ତକ ମେଳାର ଚତୁର୍ଥ ସନ୍ଧ୍ୟା

# ବିକୃତ ଶବ୍ଦ ଓଡ଼ିଆ ଭାଷାର ମାନକୁ ତଳିତଳାନ୍ତ କରୁଛି

**କେନ୍ଦ୍ରାପଡା ଅଫିସ, ୫।୨**

ବିକୃତ ଶବ୍ଦ ଓଡ଼ିଆ ଭାଷାକୁ ତଳିତଳାନ୍ତ କରୁଛି। ସାମାଜିକ ପରିବର୍ତ୍ତନର ଦ୍ୱାହି ଦେଇ ଯେଉଁ ସାହିତ୍ୟ ସର୍ଜନା କରାଯାଉଛି, ତାହା ଜନସାଧାରଣଙ୍କର ସ୍ୱର ଭାବେ ପରିଗଣିତ ହେଉନାହିଁ। ଫଳରେ କାଳଜୟୀ ସାହିତ୍ୟ କମିଯାଉଛି। ଏହାର ପରିବର୍ତ୍ତନ ଆବଶ୍ୟକ ବୋଲି ମଙ୍ଗଳବାର ଆୟୋଜିତ ସାହିତ୍ୟ ସଭାରେ ଅତିଥିମାନେ ମତ ରଖିଛନ୍ତି । ସହରର ମହିପାଳ ଟେଲିକମ ଗ୍ରାଉଣ୍ଡରେ କେନ୍ଦ୍ରାପଡା ଇଭେଣ୍ଟ ମ୍ୟାନେଜର୍ସ (କେମ୍) ପକ୍ଷରୁ ଆୟୋଜିତ ପୁସ୍ତକମେଳାର ଚତୁର୍ଥ ସନ୍ଧ୍ୟାରେ ସାହିତ୍ୟ ସଭା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା ଜିଲା ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଏହି ସାହିତ୍ୟ ସଭାରେ ସଂସଦ ସଭାପତି ଡ. ବାସୁଦେବ ଦାସ ଅଧ୍ୟକ୍ଷତା କରିଥିଲେ । ଏଥିରେ ଶିକ୍ଷାବିତ୍ ନନ୍ଦ କିଶୋର ପରିଡା, ଅଲେଖ ଚନ୍ଦ୍ର ପଡ଼ିଆରୀ ଓ ଗିରିଶ ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ସେମାନେ ଦର୍ଶାଇଥିଲେଯେ, ଓଡିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଛି । ତେବେ ରାଜ୍ୟରେ ଓଡ଼ିଆ ଭାଷାର ସଠିକ ଶବ୍ଦ ଚୟନ ପାଇଁ ଶିକ୍ଷାର୍ଥୀ ଓ ଭାଷାବିତ୍‌ଙ୍କ ଅଭାବ ରହିଛି । ଓଡ଼ିଆ ଭାଷାକୁ ଋଦ୍ଧିମନ୍ତ କରିବା ପାଇଁ ଓଡ଼ିଶାର ପ୍ରତ୍ୟେକ ବ୍ୟକ୍ତି ଆଗଭର ହେବା ଆବଶ୍ୟକ । ସନ୍ତାନଙ୍କ ସହ ଓଡ଼ିଆରେ କଥାବାର୍ତ୍ତା କରି ସେମାନଙ୍କୁ ଓଡ଼ିଆ ସଂସ୍କୃତି ସହ ପରିଚିତ କରାଇବା ଆବଶ୍ୟକ । ସଂସଦ ସମ୍ପାଦକ ଶୁଭ୍ରାଂଶୁ ଶେଖର ଦାସ ସଭାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଅତିଥିମାନେ ଡ. ବାସୁଦେବ ଦାସଙ୍କ 'ଓଡ଼ିଆ ସାହିତ୍ୟରେ ପ୍ରଗତିଶୀଳ ଚେତନା' ଓ କବି ଭଗବାନ ଦାସଙ୍କ 'ମନ୍ଦୋଦରୀର ଅନୁଚିନ୍ତା' ପୁସ୍ତକକୁ ଉନ୍ମୋଚିତ କରିଥିଲେ । ଗାଳ୍ପିକ ମାତୃଦତ୍ତ ମହାନ୍ତି, ସିନେ ପ୍ରଯୋଜକ ରବୀନ୍ଦ୍ର ସାହୁ, ଶିକ୍ଷାବିତ୍ ଦୁର୍ଯ୍ୟୋଧନ ପରିଡା, ଡ. ମୀନାକ୍ଷୀ ମହାପାତ୍ରଙ୍କୁ ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଭାକୁ ମନୋଜ ଦାଶ, ରାମକୃଷ୍ଣ ଦାଶ, ଆଦିକନ୍ଦ ରାଉଳ ପରିଚାଳନା କରିଥିଲେ । ଏଥିସହ ସଂସଦ ପକ୍ଷରୁ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ରଞ୍ଜନ କୁମାର ରଣା, କାକୁଲି ମଲ୍ଲିକ, ନିରୁପମା ଦାଶ, କରୁଣାକର ଦାସ, ଶୈଳଜା ଶଙ୍କର ସାମଲ କାର୍ଯ୍ୟକ୍ରମରେ କବିତା ସଂଯୋଜନା କରିଥିଲେ ।



ସାହିତ୍ୟ ସଭାରେ ସମ୍ବର୍ଦ୍ଧିତ ପ୍ରତିଭା ଓ ଅନ୍ୟମାନେ।

## ଆବୁଧାବିରେ ଓଡିଆ ଯୁବକଙ୍କ ମୃତ୍ୟୁ

# ପୁଅର ମୃତଦେହ ଫେରାଇ ଆଣିବାକୁ ପରିବାର ପକ୍ଷରୁ ଦାବି

**ପଟ୍ଟାମୁଣ୍ଡାଇ,୫।୨(ସ୍ୱ.ପ୍ର)**

ସୁଦୂର ଆବୁଧାବିରେ ପାଣି ପାଇପ ମିସ୍ତ୍ରି ଭାବେ କାର୍ଯ୍ୟ କରୁଥିବା ଓଡିଆ ଯୁବକ ସରୋଜକାନ୍ତ ପଣ୍ଡା (୪୭)ଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି । ତାଙ୍କ ମୃତଦେହ ଘରକୁ ଫେରାଇ ଆଣିବା ପାଇଁ ବିହିତ ପଦକ୍ଷେପ ନେବାକୁ ପରିବାର ଲୋକେ ମଙ୍ଗଳବାର ଜିଲା ଶ୍ରମ ଅଧିକାରୀଙ୍କୁ ଭେଟି ନିବେଦନ କରିଛନ୍ତି ।

ପ୍ରକାଶ ଯେ, ରବିବାର ସନ୍ଧ୍ୟାରେ ସରୋଜ କାମ କରୁଥିବା ବେଳେ ହଠାତ୍ ଅସୁସ୍ଥ ହୋଇ ପଡିଥିଲେ । ତାଙ୍କୁ ସଙ୍ଗେ ସଙ୍ଗେ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ସରୋଜଙ୍କ ମୃତ୍ୟୁ ଘଟିଥିବା ନେଇ ରାତି ୮ଟା ବେଳେ ତାଙ୍କ ଶଳା ମାନସ କୁମାର କରଙ୍କ ନିକଟକୁ ମୋବାଇଲରେ ଫୋନ ଆସିଥିଲା । ସରୋଜଙ୍କ ଘର ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ୨୦ନଂ ୱାର୍ଡର ବେଲତଳ ଗ୍ରାମରେ । ସେ ସ୍ୱର୍ଗତ ଗୌରାଙ୍ଗ ପଣ୍ଡାଙ୍କ ବଡପୁଅ । ଗତ ୧୦ବର୍ଷ ହେଲା ସେ ଆବୁଧାବିର ଏକ ଘରୋଇ କମ୍ପାନୀରେ ପାଣିପାଇପ ମିସ୍ତ୍ରି ଭାବେ କାର୍ଯ୍ୟ କରୁଥିଲେ । କିନ୍ତୁ କମ୍ପାନୀର ଆର୍ଥିକ ଅବସ୍ଥାରେ ଅବନତି ଘଟିବାରୁ ସରୋଜ ଅନ୍ୟ ଏକ ବେଲଜିୟମ୍ କମ୍ପାନୀରେ ଗତ ୭ଦିନ ତଳେ ଯୋଗ ଦେଇଥିଲେ । ସେ ଗତବର୍ଷ ଅକ୍ଟୋବର ମାସରେ ଘରକୁ ଆସିଥିଲେ । ତାଙ୍କର ଏକ ୧୭ ବର୍ଷର ପୁଅ ଶୁଭ୍ରଜିତ୍ ଓ ୧୫ ବର୍ଷର ଝିଅ ଅନନ୍ୟା ପ୍ରିୟଦର୍ଶିନୀ ଅଛନ୍ତି। ସ୍ୱାମୀଙ୍କ ଅକାଳ ବିୟୋଗରେ ସ୍ତ୍ରୀ ଆରତୀ ଭାଙ୍ଗି ପଡିଛନ୍ତି । ସରୋଜଙ୍କର ୨ସାନ ଭାଇ ଓ ବୃଦ୍ଧା ମା' ଘରେ ଅଛନ୍ତି। ଏହି ଘଟଣା ନେଇ ସାହି ପଡିଶା ଓ ଗ୍ରାମବାସୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି । ସରୋଜଙ୍କ ମୃତଦେହ ଓଡିଶାକୁ ଫେରାଇ ଆଣିବା ଲାଗି ସଂପୃକ୍ତ ବିଭାଗ ଓ ରାଜ୍ୟ ସରକାର ଯଥାଶୀଘ୍ର ବିହିତ ପଦକ୍ଷେପ ନେବାକୁ ଆଇଏଚଆରସି କେନ୍ଦ୍ରାପଡା ଜିଲା ମୁଖ୍ୟ ପ୍ରତାପ ପାଢୀଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି ।

## ■ ରାଜ୍ୟ ପରିବହନ ମନ୍ତ୍ରୀଙ୍କୁ ଭେଟିଲେ ଅଞ୍ଚଳବାସୀ

# ରାଉରକେଲା-କଣ୍ଡିଆ ବସ୍ ଚଳାଚଳ ଦାବି

**ରାଜକନିକା, ୫।୨ (ଡି.ଏନ୍.ଏ.)**

ରାଜକନିକା ବ୍ଲକ ଚରପଡ଼ା ପଞ୍ଚାୟତ ଅଧୀନ କଣ୍ଡିଆ ହାଟ ଅଞ୍ଚଳ ଉଭୟ କେନ୍ଦ୍ରାପଡ଼ା ଓ ଯାଜପୁର ଜିଲାର ଶେଷପ୍ରାନ୍ତରେ ଥିବ ଯୋଗୁ ଜିଲା ପ୍ରଶାସନଠାରୁ ଆରମ୍ଭ କରି ରାଜନେତା ପର୍ଯ୍ୟନ୍ତ କାହାରି ଦୃଷ୍ଟି ପଡୁନି। ଏହି ଅଞ୍ଚଳରେ ବିଭିନ୍ନ ସମସ୍ୟା ଲାଗି ରହିଥିବା ବେଳେ ସ୍ଥାନୀୟ ଲୋକେ ନାନା ଅସୁବିଧା ଭୋଗୁଛନ୍ତି। ବିଶେଷକରି ଜିଲା ବାହାରକୁ ବସ୍ ଚଳାଚଳ ଅସୁବିଧା ଯୋଗୁ ରାଉରକେଲା ବା ବଡ଼ବିଲ୍ ଅଞ୍ଚଳରେ କମ୍ପାନୀରେ କାର୍ଯ୍ୟ କରୁଥିବା ଲୋକେ ବହୁ ଅସୁବିଧା ଭୋଗୁଛନ୍ତି। ରାଉରକେଲାରୁ କଣ୍ଡିଆ ଚଳାଚଳ କରୁଥିବା ଏକ ସରକାରୀ ବସ୍ ଦୀର୍ଘ ୨ବର୍ଷ ହେବ ବନ୍ଦ ହୋଇଯିବା ଦ୍ୱାରା ଅଞ୍ଚଳବାସୀ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ କଣ୍ଡିଆ ଓ ଓଳାଭର ଅଞ୍ଚଳକୁ ଆସିବାକୁ ପରମିଟ ପାଇଥିବା ବସ୍‌ଗୁଡିକ ସିଂହପୁରରେ ଅଟକି ରହୁଛି। ଫଳରେ ଲୋକମାନେ ବାଧ୍ୟ ହୋଇ ଅଧିକ ଟଙ୍କା ଦେଇ ଅଟୋ ରିଜର୍ଭ କରି ସିଂହପୁର ପର୍ଯ୍ୟନ୍ତ ଯାଉଛନ୍ତି।

ରାଉରକେଲାରୁ ରାଜକନିକା ଭାୟା କଣ୍ଡିଆ ଅଞ୍ଚଳକୁ ସରକାରୀ ବସ ଚଳାଚଳ ପାଇଁ ରାଜ୍ୟ ପରିବହନ ଓ ବାଣିଜ୍ୟ ମନ୍ତ୍ରୀ ନୃସିଂହ ଚରଣ ସାହୁଙ୍କ ନିକଟରେ ଅଞ୍ଚଳବାସୀ ଦାବି କରିଛନ୍ତି। ଗତ ୨ ତାରିଖରେ ସ୍ଥାନୀୟ ଦେଉଳତରାସ୍ଥିତ ଲକ୍ଷ୍ମୀନାରାୟଣ ନୋଡାଲ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ମନ୍ତ୍ରୀ ସାହୁ ଯୋଗଦେଇଥିବା ବେଳେ ଏ ସମ୍ପର୍କରେ ତାଙ୍କ ନିକଟରେ ଅଞ୍ଚଳବାସୀ ଦାବି କରିଥିଲେ। ଆଞ୍ଚଳିକ ଉନ୍ନୟନ କମିଟି, ଖରସ୍ରୋତା ସାଂସ୍କୃତିକ ପରିଷଦ ଓ ରାଜକନିକା-ରାଉରକେଲା ବିକାଶ ପରିଷଦର ୩ଟି ଗଣ ସଂଗଠନର ଏକ ମିଳିତ ପ୍ରତିନିଧି ଦଳ ମନ୍ତ୍ରୀ ସାହୁଙ୍କୁ ଭେଟି ଦାବି ସମ୍ପର୍କରେ ଜଣାଇଥିଲେ। ଏହି ଅବସରରେ ଉପସ୍ଥିତ ରାଜ୍ୟ ସଭା ସଦସ୍ୟ ପ୍ରତାପ କେଶରୀ ଦେବଙ୍କ ସହ ମଧ୍ୟ ଏ ସମ୍ପର୍କରେ ଆଲୋଚନା କରିଥିଲେ। ତେବେ ଖୁବ୍ ଶୀଘ୍ର ରାଉରକେଲା-କଣ୍ଡିଆ ବସ୍ ଚଳାଚଳ କରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ସାହୁ ଓ ରାଜ୍ୟ ସଭା ସଦସ୍ୟ ଦେବ ପ୍ରତିଶ୍ରୁତି ଦେଇଛନ୍ତି।

ସୂଚନାଯୋଗ୍ୟ, ରାଜକନିକା ବ୍ଲକର ଚରପଡା, କଣ୍ଡିଆ, ନମତରା, ଦେଉଳତରା, ସିହୋପଡା, ହାଟସାହି, ପେଗରପଡା, ଭାମଣ୍ଡା, ଆଗପଡା ଓ ପାରିନୁଆପଡ଼ା ଅଞ୍ଚଳ ତଥା ଯାଜପୁର ଜିଲାର ଜରୀ, ବାଙ୍ଗରା, ଅରଗଳକଟ ସମେତ ଆଳି ବ୍ଲକର ଅରଗଳ, ଅରଗଳଶାସନ, ମାହାରାକୁଳ ଅଞ୍ଚଳର ଏକ ହଜାରରୁ ଊର୍ଦ୍ଧ୍ୱ ଲୋକ ରାଉରକେଲା ଓ ବଡବିଲ ଅଞ୍ଚଳରେ ବିଭିନ୍ନ କମ୍ପାନୀରେ କାର୍ଯ୍ୟ କରୁଛନ୍ତି। ତେବେ ରାଜ୍ୟ ସରକାର ରାଜକନିକା ଅଞ୍ଚଳକୁ ଏକ ସରକାରୀ ବସ ଚଳାଚଳର ବ୍ୟବସ୍ଥା କରିଥିଲେ। ହେଲେ ୨ ବର୍ଷ ହେବ ଏହା ବନ୍ଦ କରିଦିଆଯାଇଛି। ଫଳରେ ଅଞ୍ଚଳବାସୀ ରାଉରକେଲା ଓ ବଡବିଲ ଅଞ୍ଚଳକୁ ଯିବା ଆସିବାରେ ହଇରାଣ ହେଉଛନ୍ତି। ସେହିପରି ଏହି ଅଞ୍ଚଳକୁ ଚଳାଚଳ କରୁଥିବା କଲିକତା ବସ୍ ମଧ୍ୟ ଦୀର୍ଘଦିନ ହେବ ବନ୍ଦ ହୋଇଯାଇଛି।




# ଜମି ଜବରଦଖଲ ବେଳେ ଗୋଷ୍ଠୀ ସଂଘର୍ଷ

## କାର୍ ଭିତରେ ମାରଣାସ୍ତ୍ର ନେଇ ବିବାଦ

**ଧର୍ମଶାଳା, ୫।୨(ଡି.ଏନ୍.ଏ)**

ଧର୍ମଶାଳା ଥାନା ଅନ୍ତର୍ଗତ ଶଙ୍ଖାରିଡିହ ମୌଜାର ଟିକରସାହିଠାରେ ଜମି ବିବାଦକୁ ନେଇ ଗ୍ରାମବାସୀ ଓ ବିଲଡର ସଂସ୍ଥା ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି । ଏକ ବିଲଡର ସଂସ୍ଥାର କର୍ମଚାରୀମାନେ ମାରଣାସ୍ତ୍ର ଭର୍ତ୍ତି ଏକ କାରରେ ଆସି ବିବାଦୀୟ ଜମି ଉପରେ ଜୋର ଜବରଦସ୍ତ ନିର୍ମାଣ କାର୍ଯ୍ୟ କରିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିଥିଲେ। ଫଳରେ ସେଠାରେ ଗୋଷ୍ଠୀ ସଂଘର୍ଷ ସୃଷ୍ଟି ହୋଇଥିଲା। ଏହି ଘଟଣାରେ ଉଭୟ ପକ୍ଷରୁ ୧୦ ଜଣ ଆହତ ହୋଇଥିବା ଜଣାପଡିଛି। ପରେ ଗ୍ରାମବାସୀ ବିଲ୍ଡର କମ୍ପାନୀର ଏକ କାର୍‌କୁ ପ୍ରାୟ ଛଅ ଘଣ୍ଟା ପର୍ଯ୍ୟନ୍ତ ଅଟକ ରଖିଥିଲେ। ଘଟଣା ସ୍ଥଳରେ ଧର୍ମଶାଳା ପୋଲିସ ପହଞ୍ଚି କାରଟିକୁ ଜବତ କରି ଥାନାକୁ ନେବାକୁ ଉଦ୍ୟମ କରିଥିଲେ ମଧ୍ୟ ଲୋକଙ୍କ ବିରୋଧ ଯୋଗୁ ପୋଲିସ ନିରୁପାୟ ହୋଇଥିବା ଜଣାପଡିଛି। ସମସ୍ତଙ୍କ ଉପସ୍ଥିତିରେ କାରଟିକୁ ଯାଞ୍ଚ କରିବା ପାଇଁ ଗ୍ରାମବାସୀ ଦାବି କରିଥିଲେ। ମାତ୍ର ଥାନାକୁ ନେବା ପରେ ଗାଡି ଯାଞ୍ଚ କରିବା ପାଇଁ ପୋଲିସ କହିଥିଲା। ତେବେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଏ ନେଇ କୌଣସି ନିଷ୍କର୍ଷ ବାହାରି ପାରି ନ ଥିବା ବେଳେ ଉକ୍ତ ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ନାନା ଗୁଞ୍ଜରଣ ସୃଷ୍ଟି ହେଉଛି। ଘଟଣାକୁ ନେଇ ଯାଜପୁର ଏସ୍‌ପିଙ୍କ ହସ୍ତକ୍ଷେପ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

ପ୍ରକାଶ ଯେ, ଶଙ୍ଖାରିଡିଅ ମୌଜାରେ ୬.୮୨ ଏକର ବେସରକାରୀ ଜମିରେ ଦୀର୍ଘଦିନ ହେବ ଆଦିବାସୀ ସମ୍ପ୍ରଦାୟର ଲୋକେ ଦଖଲ କରି ରହି ଆସୁଛନ୍ତି। କିନ୍ତୁ ଉକ୍ତ ଜମିକୁ ଜମି ମାଲିକ ଜଣେ ବିଲ୍ଡରଙ୍କୁ ବିକ୍ରୟ କରିବା ପାଇଁ ଚୁକ୍ତିପତ୍ର ସ୍ୱାକ୍ଷର କରିଥିବା ଜଣାପଡିଛି। ହେଲେ ମଙ୍ଗଳବାର ଉକ୍ତ ବିଲ୍ଡର ସ୍ଥାନୀୟ ଅଞ୍ଚଳର କେତେଜଣ ସମର୍ଥକଙ୍କୁ ନେଇ ଉକ୍ତି ଜମି ପାର୍ଶ୍ୱରେ ଥିବା ଏକ ସରକାରୀ ଜମିକୁ ଦଖଲ କରିବା ପାଇଁ ଚେଷ୍ଟା କରିଥିଲେ। ଏହାକୁ ସ୍ଥାନୀୟ ଗ୍ରାମର ଆଦିବାସୀ ବିରୋଧ କରିବାରୁ ସେଠାରେ ଉଭୟ ପକ୍ଷଙ୍କ ମଧ୍ୟରେ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ଗ୍ରାମବାସୀ ବିଲ୍ଡରଙ୍କ ପକ୍ଷରୁ ବ୍ୟବହୃତ (ଓଡି-୦୨-ଏଏକ୍ସ-୮୩୩୩) ନମ୍ବର ବିଶିଷ୍ଟ କାର୍‌ରେ ମାରଣାସ୍ତ୍ର ଥିବା ସନ୍ଦେହ କରି ଅଟକ ରଖିଥିଲେ। ଏନେଇ ଆଦିବାସୀଙ୍କ ପକ୍ଷରୁ ଟାଇଗର ପୁଟି, ଦେବ ଆଲାଡା, ସୁନିଲ ସର୍ଦ୍ଦାର ପ୍ରମୁଖ ଥାନାରେ ଅଭିଯୋଗ କରିଥିବା ବେଳେ ବିଲ୍ଡରଙ୍କ ପକ୍ଷରୁ ଗଣ୍ଡଗୋଳରେ ସାମିଲ ଥିବା ଆଦିବାସୀଙ୍କ ନାମରେ ଏତଲା ଦିଆଯାଇଥିବା ପୋଲିସ ସୂଚନା ଦେଇଛି। ଖବର ଲେଖାହେବା ପର୍ଯ୍ୟନ୍ତ କୌଣସି ମାମଲା ରୁଜୁ ହୋଇନାହିଁ।

# ଡିକି ଭାଙ୍ଗି ୧ ଲକ୍ଷ ଲୁଟ୍

**ଛତିଆ,୫।୨(ଡି.ଏନ୍.ଏ.)**

ବୈରୀ ଥାନା ଅନ୍ତର୍ଗତ ଛତିଆ ବଜାରସ୍ଥିତ ଏକ ମେଡିସିନ୍ ଷ୍ଟୋର ପାର୍ଶ୍ୱରୁ ମଙ୍ଗଳବାର ୨ ଜଣ ଦୁର୍ବୃତ୍ତ ବାଇକ୍ ଡିକିଭାଙ୍ଗି ୧ ଲକ୍ଷ ଟଙ୍କା ଲୁଟ୍ କରିଛନ୍ତି। ନେଉଳପୁର ଅଞ୍ଚଳର ଚିନ୍ମୟ ପରିଡା ଟାଙ୍ଗୀସ୍ଥିତ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରନ୍ତି। ମଙ୍ଗଳବାର ସେ କାମ ସାରି ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ଟାଙ୍ଗୀସ୍ଥିତ ଏକ ଏଟିଏମ୍‌ରୁ ୧ ଲକ୍ଷ ଟଙ୍କା ଉଠାଇଥିଲେ। ପରେ ମେଡିସିନ୍ କିଣିବାକୁ ଛତିଆସ୍ଥିତ ଏକ ମେଡିସିନ୍ ଷ୍ଟୋରକୁ ଯାଇଥିଲେ। ଏହାର ସୁଯୋଗ ନେଇ ଚିନ୍ମୟଙ୍କ ପିଛା କରୁଥିବା ୨ ଲୁଟେରା ବାଇକ୍‌ରେ ଆସି ଦୋକାନ ସମ୍ମୁଖରେ ଥିବା ଚିନ୍ମୟଙ୍କ ଗାଡ଼ି ଡିକିଭାଙ୍ଗି ଟଙ୍କା ଲୁଟ୍ କରିନେଇଥିବା ଜଣାପଡ଼ିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବାବେଳେ ଦୁର୍ବୃତ୍ତଙ୍କ ପରିଚୟ ମିଳିପାରିନାହିଁ।

■ ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଚଣ୍ଡିଖୋଲ ଫ୍ରେଣ୍ଡ୍ସ କ୍ଲବ୍ ବିଜୟୀ

**ଚଣ୍ଡିଖୋଲ, ୫।୨(ଡି.ଏନ୍.ଏ.):** ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ସୁଙ୍ଗୁଡ଼ା ଖେଳ ପଡ଼ିଆରେ ଚଣ୍ଡିଖୋଲ ଫ୍ରେଣ୍ଡ୍ସ ସ୍ପୋର୍ଟ ଆଣ୍ଡ କଲ୍‌ଚୁରାଲ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ୮ମ ବାର୍ଷିକ ଫ୍ରେଣ୍ଡ୍ସ କ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଫ୍ରେଣ୍ଡ୍ କ୍ଲବ୍ ଚଣ୍ଡିଖୋଲ ବିଜୟୀ ହୋଇଛି। ସୋଲାର କ୍ରିକେଟ୍ କ୍ଲବ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭର୍‌ରେ ୬ ଉଇକେଟ୍ ହରାଇ ୨୧୯ ରନ୍ ସଂଗ୍ରହ କରିଥିଲା। ଜବାବରେ ଫ୍ରେଣ୍ଡ୍ସ କ୍ରିକେଟ୍ କ୍ଲବ୍ ୨୪.୧ ଓଭରରେ ୬ ଉଇକେଟ ହରାଇ ମ୍ୟାଚ୍‌ର ବିଜୟୀ ଘୋଷିତ ହୋଇଥିଲା। ଦଳ ପକ୍ଷରୁ ସତ୍ୟ ରଞ୍ଜନ ସେନାପତି ସର୍ବାଧିକ ୯୦ ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷିତ ହୋଇଥିଲେ। ଫ୍ରେଣ୍ଡ୍ସ ସ୍ପୋର୍ଟ ଆଣ୍ଡ କଲଚୁରାଲ ଆସୋସିଏଶନର ଉପ ସଭାପତି ପ୍ରସନ୍ନ କୁମାର ବିଶ୍ୱାଳ ଓ ମନମୋହନ ରାଉତ ଅତିଥି ଭାବେ ଯୋଗ ଦେଇ ଶିବା ମୋବାଇଲ ପଏଣ୍ଟ ତରଫରୁ ପ୍ରଦତ୍ତ ପୁରସ୍କାର ପ୍ରଦାନ କରିଥିଲେ। ଇନ୍ତେକାମ ଆଲାମ୍ ଓ ଅମରେଶ ପରିଡ଼ା ଖେଳ ପରିଚାଳନା କରିଥିଲେ। ଦେବେନ୍ଦ୍ର ଜେନା, ଆଶୁତୋଷ ମହାରଣା, କ୍ରିର୍ତ୍ତିରାଜ ସ୍ୱାଇଁ, ରଜତ୍ ମହାନ୍ତି, ପ୍ରମୋଦ ସେନାପତି, ବିଭାସ ବିଶ୍ୱାଳ, ବିଭୁପ୍ରସାଦ ମାହାଲା ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ବୁଧବାର ନିମ୍‌ପୁର ସ୍ପୋର୍ଟିଂ କ୍ଲବ୍ କଟକ ଓ ଜାଗୁଆ କ୍ରିକେଟ୍ କ୍ଲବ୍ ଭୁବନେଶ୍ୱର ମଧ୍ୟରେ ୪ର୍ଥ ତଥା ଶେଷ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଯଦି ଆମେ ଅପରର ଦୁଃଖକୁ ପ୍ରକୃତ ବୁଝିପାରୁଥାନ୍ତେ,
ତେବେ ଏ ସଂସାର ସ୍ୱର୍ଗରେ ପରିଣତ ହୋଇଯାନ୍ତା।
- ସକ୍ରେଟିସ୍



## ସଂକ୍ଷେପରେ

### ଯାଜପୁର ପୋଲିସ ପକ୍ଷରୁ ଗୋଲାପ ଫୁଲ ଉପହାର



**ବିରଜାକ୍ଷେତ୍ର,୫।୨(ଡି.ଏନ୍.ଏ):** ଯାଜପୁର ଥାନା ପକ୍ଷରୁ ମଙ୍ଗଳବାର ଅପରାହ୍ନରେ ହେଲ୍‌ମେଟ ପିନ୍ଧିଥିବା ବାଇକ୍ ଚାଳକଙ୍କୁ ଗୋଲାପ ଫୁଲ ଉପହାର ଦେଉଥିବା ଦେଖିବାକୁ ମିଳିଥିଲା। ଗତ ୪ ତାରିଖରୁ ସଡ଼କ ସୁରକ୍ଷା ସପ୍ତାହ ଚାଲୁଛି। ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଟ୍ରାଫିକ୍ ନିୟମ ମାନି ଚଳିବା ଏବଂ ବିନା ହେଲମେଟ୍‌ରେ ଗାଡ଼ି ନ ଚଳାଇବା ଓ ନିଜ ଜୀବନକୁ ସୁରକ୍ଷିତ ରଖିବା ନେଇ ଯାଜପୁର ଥାନା ପୋଲିସ ପକ୍ଷରୁ ସହର ଓ ଆଖପାଖ ଅଞ୍ଚଳର ଲୋକଙ୍କୁ ସଚେତନ କରାଯାଇଆସୁଛି। ଏହି ଅବସରରେ ଯାଜପୁର ପୋଲିସ ପକ୍ଷରୁ ମଙ୍ଗଳବାର ଅପରାହ୍ନରେ ସଡ଼କ ସୁରକ୍ଷା ନିୟମ ମାନିଥିବା ଓ ହେଲମେଟ୍ ପିନ୍ଧି ବାଇକ୍ ଚଳାଉଥିବା ଚାଳକଙ୍କୁ ଯାଜପୁର ଥାନାର ଭାରପ୍ରାପ୍ତ ଥାନାଧିକାରୀ ସେମାନଙ୍କୁ ଗୋଲାପ ଫୁଲ ଉପହାର ଦେଇଥିଲେ। ଏହି ଅବସରରେ ବିନା ହେଲମେଟ୍‌ରେ ବାଇକ୍ ଚଳାଉଥିବା ଚାଳକଙ୍କୁ ଥାନାଧିକାରୀ ସଚେତନ କରାଇବା ସହ ହେଲମେଟ୍ ପିନ୍ଧି ନିଜକୁ ସୁରକ୍ଷିତ ରଖି ପରିବାରର ଖୁସି ପ୍ରତି ଦୃଷ୍ଟି ଦେବାକୁ ଉପଦେଶ ଦେଇଥିଲେ।

### ଏସ୍‌ଏଚ୍‌ଜି ମହାସଂଘ ଜିଲାପାଳଙ୍କ ଦ୍ୱାରସ୍ଥ

**ବିରଜାକ୍ଷେତ୍ର,୫।୨(ଡି.ଏନ୍.ଏ):** ଏକାଧିକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି) ଦ୍ୱାରା ନିର୍ବାଚିତ ମହାସଂଘ ଉକ୍ତ ଗୋଷ୍ଠୀଗୁଡ଼ିକର ସୁପରିଚାଳନା କରିଥାଏ। କିନ୍ତୁ ମହାସଂଘ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିଲେ ମଧ ପ୍ରଶାସନ ଏହାର ସମାଧାନ କରୁନାହାନ୍ତି। ଫଳରେ କାର୍ଯ୍ୟ ତୁଲାଇବା ପାଇଁ ଏବଂ ସରକାରଙ୍କ ଯୋଜନାକୁ ଆଗକୁ ନେବା ଲାଗି ବିଭିନ୍ନ ପ୍ରକାର ବାଧା ଉପୁଜୁଛି ବୋଲି ଯାଜପୁର ଜିଲା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମହାସଂଘ ସଭାପତି ମାଧବୀଲତା ନାୟକ କହିଛନ୍ତି। ସୋମବାର ଶ୍ରୀମତୀ ନାୟକ, କନକଲତା ସାହୁ, କମଳିନୀ ସାହୁ, ଅନ୍ନପୂର୍ଣ୍ଣା ବେହେରା, ରୁକ୍ମଣୀ ବେହେରା, ଲକ୍ଷ୍ମୀପ୍ରିୟା ସାହୁ, ସୁମିତ୍ରା ଧଳ ପ୍ରମୁଖ ବହୁ ସଂଖ୍ୟକ ମହାସଂଘ କର୍ମକର୍ତ୍ତାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଅଭିଯୋଗ ଶୁଣାଣି ଶିବିରରେ ପହଞ୍ଚି ଜିଲା ପ୍ରଶାସନକୁ ସେମାନଙ୍କର ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ବ୍ଲକସ୍ତରୀୟ ବିପିଏମ୍ ସବୁ ପଞ୍ଚାୟତକୁ ଠିକ୍ ଭାବେ ପରିଚାଳନା କରୁନାହିଁ କିମ୍ବା ବ୍ଲକସ୍ତରୀୟ ସମୀକ୍ଷା ବୈଠକର ନିଷ୍ପତ୍ତି ମହାସଂଘକୁ ଅବଗତ କରାଯାଉ ନାହିଁ। ଫଳରେ ମହିଳା ସଶକ୍ତିକରଣ ଯୋଜନାର ଅଗ୍ରଗତି ହୋଇପାରୁ ନାହିଁ ଏବଂ ସ୍ୱାବଲମ୍ବୀ ହେବା ଦିଗରେ ପ୍ରତିବନ୍ଧକ ସୃଷ୍ଟି ହେଉଛି ବୋଲି ଏହି ପ୍ରତିନିଧି ଦଳ ଅଭିଯୋଗ କରିଛନ୍ତି। ମହାସଂଘ ସଭାନେତ୍ରୀ ଓ ସମ୍ପାଦିକାମାନେ ପଞ୍ଚାୟତ ଓ ବ୍ଲକସ୍ତରୀୟ ଗୋଷ୍ଠୀ ପରିଚାଳନାରେ ସହାୟକ ହୋଇ ମଧ ସେମାନଙ୍କୁ ଗସ୍ତ ଖର୍ଚ୍ଚ କିମ୍ବା ଅନ୍ୟାନ୍ୟ ଖର୍ଚ୍ଚ ବାବଦ ବ୍ୟବସ୍ଥା କରାଯାଉ ନାହିଁ। ଫଳରେ ମହାସଂଘର ନିର୍ବାଚିତ ସଦସ୍ୟଙ୍କର କାର୍ଯ୍ୟକାଳ ଗୋଷ୍ଠୀ ପରିଚାଳନାରେ ସ୍ଥିରତା ଓ ଅଭିବୃଦ୍ଧି ପାଇଁ ଅନ୍ୟୁନ ୫ବର୍ଷ ସମୟ ରଖିବାକୁ ଦାବି କରାଯାଇଛି। ଏହି ସବୁ ସମସ୍ୟା ସମାଧାନ ପାଇଁ ମହାସଂଘ ଜିଲାପାଳଙ୍କୁ ଜଣାଇବା ସହିତ ଜିଲାର ସମସ୍ତ ବିଧାୟକ, ଜିଲା ପ୍ରକଳ୍ପ ପରିଚାଳକ, ସମସ୍ତ ବିଡିଓ ଏବଂ ଚେୟାରମ୍ୟାନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

# ଡଙ୍କାରୀ ପରେ ରାହାଡ଼ପୁର ଖାଦାନରେ ୧୪୪ ଧାରା

**ଯାଜପୁର ଅଫିସ/ଧର୍ମଶାଳା (ଡି.ଏନ୍.ଏ.),୫।୨**



■ବାକି ରହିଛି ୫୦ରୁ ଊର୍ଦ୍ଧ୍ୱ ବେଆଇନ ଖାଦାନ
■ତହସିଲ ପ୍ରଶାସନର ତତ୍ପରତା ଦୁଃସାହସିକ

ବେଆଇନ କଳାପଥର ଖାଦାନର ପେଣ୍ଠସ୍ଥଳୀ ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ରାହାଡ଼ପୁର ପାହାଡ଼ର ୬ ଓ ୧୦ ନମ୍ବର ଖାଦାନକୁ ମଙ୍ଗଳବାର ତହସିଲ ପ୍ରଶାସନ କ୍ଲୋଜର ନୋଟିସ ଦେଇଛି। ଏହାସହ ଉକ୍ତ ଅଞ୍ଚଳରେ ୧୪୪ ଧାରା ଜାରି କରି ଯେପରି ପରିବହନ ହୋଇ ନ ପାରିବ ସେଥିପାଇଁ ଖାଦାନ ରାସ୍ତାକୁ ଜେସିବି ମେଶିନରେ ଖୋଳି ଦିଆଯାଇଛି। ଖାଦାନ ମାଲିକଙ୍କ ଉପରେ ରାଜନୈତିକ ଓ ପ୍ରଶାସନିକ ପୃଷ୍ଠପୋଷକତା ମିଳିଆସୁଥିବାବେଳେ ତହସିଲ୍ ପ୍ରଶାସନର ଏଭଳି ପଦକ୍ଷେପକୁ ଲୋକେ ଦୁଃସାହସିକ ବୋଲି ଅଭିହିତ କରୁଛନ୍ତି। ତେବେ ଜନଶୁଣାଣି କିମ୍ବା ପରିବେଶଗତ ଅନୁମତି ନ ଥିବା ୫୦ରୁ ଊର୍ଦ୍ଧ୍ୱ ଖାଦାନଗୁଡ଼ିକ ଉପରେ ପ୍ରଶାସନ କାହିଁକି ହାତ ମାରିପାରୁ ନାହିଁ ସେ ନେଇ ମଧ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପ୍ରଶାସନ ପକ୍ଷରୁ ରାହାଡ଼ପୁର ଖାଦାନରେ ଚଡ଼ାଉ ସମ୍ପର୍କରେ ପୂର୍ବରୁ ଅର୍ଥାତ ସୋମବାର ଖାଦାନ ମାଲିକଙ୍କ ନିକଟରେ ଖବର ପହଞ୍ଚି ଯାଇଥିଲା। ଫଳରେ ଖାଦାନ ମାଲିକମାନେ ସଜାଗ ହୋଇଯାଇ ଉତ୍ତୋଳିତ ଲକ୍ଷାଧିକ ଟଙ୍କାର ପଥର, ବିସ୍ଫୋରଣ ସାମଗ୍ରୀ, ଗାଡ଼ି ଆଦି ଜିନିଷକୁ ସ୍ଥାନାନ୍ତର କରିବାରେ ସଫଳ ହୋଇଥିଲେ। ପୂର୍ବରୁ ପ୍ରଶାସନ ଓ ଖାଦାନ ମାଲିକଙ୍କ ମଧ୍ୟରେ ସଲାସୁତୁରା ରହି ଆସିଥିବାରୁ ଏହା ସମ୍ଭବ ହୋଇ ପାରିଥିଲା। ଧର୍ମଶାଳାର ଭାରପ୍ରାପ୍ତ ତହସିଲଦାର ସରୋଜ କୁମାର ପଣ୍ଡାଙ୍କ ନେତୃତ୍ୱରେ ଜେନାପୁର ଥାନାଧିକାରୀ ସୁଶାନ୍ତ କୁମାର ଦାସ ୧ପ୍ଲାଟୁନ ପୋଲିସ ସହ ଚଢ଼ାଉ କରିଥିଲେ। ସେଠାରେ ଲାଲ୍ ପତାକା ଲଗାଇ ୧୪୪ ଧାରା ଜାରି କରିଥିଲେ। ତେବେ ଏହା କେତେ ଦିନ ବଳବତ୍ତର ରହିବ ତାହା ସମୟ ହିଁ କହିବ ବୋଲି ମତପ୍ରକାଶ ପାଇଛି। ପୂର୍ବରୁ ଡଙ୍କାରୀରେ ୨୦୦୨ ରୁ ୨୦୧୭ ପର୍ଯ୍ୟନ୍ତ ବେଆଇନ ଉତ୍ତୋଳନ ବାବଦକୁ ପ୍ରାୟ ୫୮କୋଟି ଟଙ୍କା ଡିମାଣ୍ଡ ରହିଛି। ଯାହାକି ତହସିଲ କୋର୍ଟରେ ବିଚାରାଧୀନ ରହିଛି। ଲିଜ୍‌ଧାରୀ କୋର୍ଟ କଚେରିର ଦ୍ୱାରସ୍ଥ ହୋଇ ଏହି ଡିମାଣ୍ଡ ଉପରେ ରୋକ ଲଗାଇ ପାରିଛନ୍ତି। ପ୍ରଶାସନ ପକ୍ଷରୁ ଉଚିତ ଉତ୍ତର ରଖିପାରୁ ନ ଥିବାରୁ ୫୮କୋଟି ଟଙ୍କାର ରାଜସ୍ୱ ପାଇବାରେ ସରକାର ପୂର୍ବରୁ ବିଫଳ ହୋଇ ସାରିଛି। ନିକଟରେ ଏନ୍‌ଜିଟି ପୁଣି ଡଙ୍କାରୀରେ ବେଆଇନ ଉତ୍ତୋଳନ ବାବଦକୁ ରାଜ୍ୟ ସରକାରଙ୍କୁ ଦାୟୀ କରି ୨୫କୋଟି ଟଙ୍କା କ୍ଷତିପୂରଣ ରାଶି ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛି। ଏହାକୁ ନେଇ ଜିଲା ପ୍ରଶାସନ ହରଡ଼ଘଣାରେ ପଡ଼ିଥିବାବେଳେ ବେଆଇନ କଳାପଥର ଉତ୍ତୋଳନକୁ ବନ୍ଦ କରିବାରେ ମଧ ବିଫଳ ହୋଇଛି। ଏବେ ମଧ ଉପରୋକ୍ତ ଖାଦାନ ସମେତ ଜାବରା, କୋହ୍ଲା, ଚାରିଗୋଠ, ବାଘୁଆ, ଡାଲିଯୋଡ଼ା ବନାଞ୍ଚଳ, ବଳରାମପୁର ସଂରକ୍ଷିତ ଜଙ୍ଗଲ ଆଦି ସ୍ଥାନରେ ଥିବା କଳାପଥର ଖାଦାନ ଉପରେ ପରିବେଶଗତ ମଞ୍ଜୁରୀ ଦିଆଯାଇ ନାହିଁ। ତଥାପି ପ୍ରତ୍ୟହ ୧୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ଗ୍ରାନାଇଟ ପଥର ଚୋରା ଚାଲାଣ ହେଉଛି। ବିଶେଷକରି ଢେଙ୍କାନାଳ ଓ ଯାଜପୁର ସୀମାନ୍ତରେ ଥିବା ରାଇଗଡ଼ା ଖାଦାନରୁ ଆନ୍ଧ୍ରର ଏକ ବ୍ଲାଷ୍ଟିଂ ବ୍ୟବସାୟୀଙ୍କ ଜରିଆରେ ୱାଗନ ଡ୍ରିଲିଂ କରି ଲକ୍ଷାଧିକ ଟଙ୍କାର ବେଆଇନ କାରବାର ଚାଲିଛି। ଏହାର ପାଦଦେଶରେ ଥିବା ଏଆର୍‌ଏସ୍‌ଏସ୍ ମେଗା କ୍ରଶର ବିନା କାଗଜପତ୍ରରେ ଉତ୍ତୋଳିତ ପଥରରୁ ଗେଟି, ବୋଲ୍‌ଡର, ଚିପ୍ସ ଆଦି ଚୋରାଚାଲାଣ କରୁଛି। ଏସଂକ୍ରାନ୍ତରେ ଧର୍ମଶାଳାର ଭାରପ୍ରାପ୍ତ ତହସିଲଦାର ପଣ୍ଡାଙ୍କୁ ପଚାରିବାରେ ସେ କହିଛନ୍ତି ସମସ୍ତ ବେଆଇନ ଖାଦାନ ଉପରେ ପ୍ରଶାସନର ନଜର ରହିଛି। ଯାଜପୁର ଓ ଢେଙ୍କାନାଳ ସୀମାନ୍ତରେ ଥିବା ଖାଦାନ ଉପରେ ଅନୁଧ୍ୟାନ କରିବାକୁ ମଙ୍ଗଳବାର ଯାଇଥିଲୁ। ଧର୍ମଶାଳା ତହସିଲ୍ ଅଧୀନରେ ୯୩ଟି ଖାଦାନ ରହିଛି। ସେଥିରୁ ଅନେକ ବେଆଇନ ଭାବରେ ଚାଲିଛି। ସେହି ବେଆଇନ ଖାଦାନଗୁଡ଼ିକ ଉପରେ ନିଶ୍ଚିତ ଭାବେ ପଦକ୍ଷେପ ନିଆଯିବ। ଲୋକ ସମ୍ବଳର ଅଭାବ ରହିଥିବା କାରଣରୁ ନିୟମିତ ବ୍ୟବଧାନରେ ଚଢ଼ାଉ କରାଯାଇପାରୁ ନାହିଁ ବୋଲି ପଣ୍ଡା କହିଛନ୍ତି।

### ଭବାନୀ ସ୍ପୋର୍ଟିଂ କ୍ରିକେଟ୍ କପ୍
## ବିସିସି ମଲିଆ ସେମିରେ

**ବିଞ୍ଝାରପୁର,୫।୨(ଡି.ଏନ.ଏ)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଶାସନ୍ଦା ପଞ୍ଚାୟତରେ ଭବାନୀ ସ୍ପୋର୍ଟିଂ କ୍ରିକେଟ ପକ୍ଷରୁ ଆୟୋଜିତ ଏକ ଦିବସୀୟ ଡ୍ୟୁଜ୍ ବଲ୍ କ୍ରିକେଟ୍ ଟୁର୍ନାମେଣ୍ଟରେ ମଙ୍ଗଳବାର ପ୍ରଥମ କ୍ୱାର୍ଟର ଫାଇନାଲରେ ବରୁଣେଇ କ୍ରିକେଟ୍ କ୍ଲବ ମଲିଆ ଏମ.ୱାଇ କ୍ରିକେଟ୍ କ୍ଲବ ବନ୍ଧମୁଣ୍ଡାକୁ ପରାସ୍ତ କରି ସେମିଫାଇନାଲକୁ ପ୍ରବେଶ କରିଛି। ମ୍ୟାଚରେ ପ୍ରଥମେ ବନ୍ଧମୁଣ୍ଡା ବ୍ୟାଟିଂ ଆରମ୍ଭ କରିଥିଲା। ନିର୍ଦ୍ଧାରିତ ୨୫ଓଭର ଖେଳି ୯ ୱିକେଟ୍ ବିନିମୟରେ ୧୬୧ରନ୍ ସଂଗ୍ରହ କରିଥିଲା। ଜବାବରେ ବିସିସି ମଲିଆ ୪ ୱିକେଟ୍ ହରାଇ ୧୫ଓଭରରେ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟ ହୋଇଥିଲା। ବିସିସି ମଲିଆର ଅଲରାଉଣ୍ଡର ଜୀବନଜ୍ୟୋତି ସାହୁ, ସଂଗ୍ରାମ ସ୍ୱାଇଁ, ପିଣ୍ଟୁ ମଲ୍ଲିକ, ପ୍ରଲିପ ସାହୁଙ୍କ ଧୁଆଁଧାର ବ୍ୟାଟିଂ ଦର୍ଶକଙ୍କୁ ଆକର୍ଷିତ କରିଥିବା ବେଳେ ମନୋଜ ମଲ୍ଲିକ ଓ ମଦନ ଦାସଙ୍କ ଦମଦାର ବୋଲିଂ ଦଳକୁ ବିଜୟ କରିଥିଲେ। ଏହି ଟୁର୍ନାମେଣ୍ଟକୁ ସୁବ୍ରତ ଯେନା, ରମେଶ ଯେନା, ସ୍ୱୟଂସିଦ୍ଧ ସ୍ୱାଇଁ, ଟୁଲୁ ଯେନା ପ୍ରମୁଖ ପରିଚାଳନା କରିଥିଲେ।

### ବିକ୍ଷୋଭ ବେଳେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ
## ମହିଳା ସଂଘ ନାଁରେ ଥାନାରେ ଅଭିଯୋଗ

**ବିରଜାକ୍ଷେତ୍ର,୫।୨(ଡି.ଏନ୍.ଏ)**

ଏକ ବିକ୍ଷୋଭ କାର୍ଯ୍ୟକ୍ରମରେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅଶାଳୀନ ମନ୍ତବ୍ୟ ଦେଇଥିବା ନେଇ ଯାଜପୁର ଟାଉନ ଥାନାରେ ଯାଜପୁର ପ୍ରେସ କ୍ଲବ ପକ୍ଷରୁ ଅଭିଯୋଗ ହୋଇଛି। ସୂଚନା ଯେ, ଯାଜପୁର ସହରସ୍ଥ କିଆନାଳୀ କୂଳଠାରେ ଓଡ଼ିଶା ସବୁଜ ପତ୍ରିକା ମହିଳା ସଂଘ ଯାଜପୁର ଶାଖା ପକ୍ଷରୁ ସବୁଜ ପତ୍ରିକାଧାରୀଙ୍କଠାରୁ କିଛି ଟଙ୍କା ବିନିମୟରେ ଆବେଦନ ଗ୍ରହଣ କରାଯାଉଥିଲା। କିଛିଦିନ ପରେ ଆବେଦନକାରୀ ରସିଦ ନ ପାଇବାରୁ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ହୋହାଲ୍ଲା କରିଥିଲେ। ଏ ସମ୍ପର୍କରେ ଏକ ବୈଦ୍ୟୁତିକ ଗଣମାଧ୍ୟମ ଉକ୍ତ ସଂଘ ବିରୋଧରେ କିଛି ଖବର ପ୍ରକାଶ କରିଥିଲା। ଯାହାକୁ ନେଇ ମଙ୍ଗଳବାର ସଂଘ ପକ୍ଷରୁ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଉକ୍ତ ଗଣମାଧ୍ୟମ ବିରୋଧରେ ଗର୍ଜନ କରିଥିଲା। ଆଗାମୀ ଦିନରେ ଯେକୌଣସି ଜାଗାରେ ଗଣମାଧ୍ୟମ ବ୍ୟକ୍ତିଙ୍କୁ ଦେଖିଲେ ଆକ୍ରମଣ କରିବାକୁ ରାଜ୍ୟ ସଂଘ ସଭାନେତ୍ରୀ ଲକ୍ଷ୍ମୀଦେବୀ ସଦସ୍ୟାଙ୍କୁ ଆହ୍ୱାନ ଦେଇଥିଲେ। ଏହା ବ୍ୟତୀତ ବହୁ ଆଶାଳୀନ ଶବ୍ଦ ଗଣମାଧ୍ୟମ ପ୍ରତି ପ୍ରୟୋଗ କରିଥିଲେ। ଉକ୍ତ ଗଣମାଧ୍ୟମ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବିପତ୍ର ପ୍ରଦାନ କରିଥିଲେ। ତେବେ ସଂଘ ସଭାନେତ୍ରୀ ବିକ୍ଷୋଭ ସ୍ଥଳରେ ଗଣମାଧ୍ୟମ ପ୍ରତି ଏପରି ମନ୍ତବ୍ୟ ସର୍ବସାଧାରଣ ସ୍ଥାନରେ ପ୍ରୟୋଗ କରିଥିବାରୁ ତାହାକୁ ଜିଲାର ଗଣମାଧ୍ୟମ ପ୍ରତିନିଧିମାନେ ବିରୋଧ କରିଛନ୍ତି। ଏଭଳି ଅଶାଳୀନ ମନ୍ତବ୍ୟ ଗଣମାଧ୍ୟମ ବ୍ୟକ୍ତିଙ୍କ ସ୍ୱାଭିମାନରେ ଆଞ୍ଚ ଆଣିବା ସହ ସେମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି ବୋଲି ପ୍ରକାଶ କରି ବହୁ ଖବରଦାତା ଯାଜପୁର ଥାନାରେ ସଭାନେତ୍ରୀ ଲକ୍ଷ୍ମୀଦେବୀଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି।

### ■ ୬ଷ୍ଠ ଦିନରେ ଓଳାଶୁଣୀ ଗୁମ୍ଫା ମେଳା
## ମେଳାରେ ଖଞ୍ଜଣି ବାଦ୍ୟର ଆଦର

**ଚଣ୍ଡିଖୋଲ,୫।୨(ଡି.ଏନ.ଏ.)**



ଓଡ଼ିଶା ପ୍ରସିଦ୍ଧ ଓଳାଶୁଣୀ ଗୁମ୍ଫା ମେଳା ମଙ୍ଗଳବାର ୬ଷ୍ଠ ଦିନରେ ପହଞ୍ଚିଛି। ସକାଳ ଅପେକ୍ଷା ଅପରାହ୍ନରେ ମେଳା ପରିସରରେ ଅଧିକ ଜନଗହଳି ହୋଇଥିବା ଦେଖାଯାଇଥିଲା। ଚଳିତବର୍ଷ ମେଳାରେ ଅସ୍ଥାୟୀ ଦୋକାନୀଙ୍କ ସଂଖ୍ୟା ବହୁ ପରିମାଣରେ ବୃଦ୍ଧି ପାଇଛି। ବିଭିନ୍ନ ଘରକରଣା ସାମଗ୍ରୀ ସମେତ ଦୁଇ ଓ ତିନି ଚକିଆ ଗାଡ଼ିର ଡିଲରମାନେ ସେମାନଙ୍କ ବିଭିନ୍ନ ମଡ଼େଲ୍ ଗାଡିଗୁଡ଼ିକ ମେଳାରେ ପ୍ରଦର୍ଶିତ କରିଛନ୍ତି। ପାହାଡ଼ର ପାଦଦେଶରୁ ଶୀର୍ଷଦେଶ ପର୍ଯ୍ୟନ୍ତ ଯାଇଥିବା ପଶ୍ଚିମପଟ ରାସ୍ତା ପାର୍ଶ୍ୱରେ ମଧ ଦୋକାନୀମାନେ ସେମାନଙ୍କର ପସରା ମେଳାଇଛନ୍ତି। ମେଳାକୁ ଆସୁଥିବା ଯାତ୍ରୀମାନେ ପ୍ରଥମେ ଶୀର୍ଷଦେଶରେ ଥିବା ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ସମାଧି ମନ୍ଦିର ଦର୍ଶନ କରିବା ପରେ ମେଳା ପଡ଼ିଆକୁ ଓହ୍ଲାଇଥାନ୍ତି। ମେଳା ପରିସରରେ ୪ଟି ଅପେରା ପାର୍ଟି ପଡ଼ିଛି। ଯାତ୍ରୀମାନେ ମେଳା ବୁଲିବା ସହ ଅପେରା ମଧ ଦେଖୁଛନ୍ତି। ସବୁ ମେଳାରେ ବିଭିନ୍ନ ପ୍ରକାର ଘର ସାମଗ୍ରୀ ଜିନିଷ ପ୍ରତି ଆଦର ଥିଲା ବେଳେ ଏଠାରେ ଏକ ନିଆରା ଖଞ୍ଜଣି ବାଦ୍ୟ ପ୍ରତି ଆଦର ଦେଖାଦେଇଥାଏ। ବହୁ ସାଧୁସନ୍ଥଙ୍କ ସମାଗମକୁ ଦୃଷ୍ଟିରେ ରଖି ଖଞ୍ଜଣି ବ୍ୟବସାୟ ଭଲ ହୋଇଥାଏ। ସାଧୁ ସନ୍ଥମାନେ ଖଞ୍ଜଣି କିଣି ମହାପୁରୁଷଙ୍କ ସମାଧି ପୀଠ ପରିସରରେ ସନ୍ଥ ଅରକ୍ଷିତଙ୍କ ରଚନା ବଳୀ, ବିଭିନ୍ନ ଭଜନ ଓ ଜଣାଣ ଗାନ କରିଥାନ୍ତି। ଏହି ବାଦ୍ୟ ଅନ୍ୟତ୍ର ଦେଖାଯାଏ ନାହିଁ। ୧୫୦, ୨୦୦ ଓ ୩୦୦ ଟଙ୍କା ପର୍ଯ୍ୟନ୍ତ ୩ ରକମର ତିଆରି ଖଞ୍ଜଣି ବିକ୍ରୟ ହୋଇଥାଏ।

### ପ୍ରଶାସନ ନିର୍ଦ୍ଦେଶକୁ ଅପେରା ପାର୍ଟିର ଅବମାନନା

ଚଳିତବର୍ଷ ମେଳାରେ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବାକୁ ଯାଜପୁର ଜିଲା ପ୍ରଶାସନ ତରଫରୁ ପ୍ରଶାସନିକ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ହୋଇଥିଲା। ଅପେରା ପାର୍ଟି ପକାଇଥିବା ତମ୍ବୁ ପରିସରରେ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ସହ ଅସ୍ଥାୟୀ ପାଇଖାନା ନିର୍ମାଣ କରିବାକୁ ଜିଲା ପ୍ରଶାସନ ନିର୍ଦ୍ଦେଶ ଦେଇଥିଲା। ତେବେ କେବଳ ଶିବାନୀ ଗଣନାଟ୍ୟ ବ୍ୟତୀତ ଅନ୍ୟ କୌଣସି ପାର୍ଟି ତମ୍ବୁ ମଧ୍ୟରେ ମହିଳାଙ୍କ ନିମନ୍ତେ ଏପରି ସ୍ୱତନ୍ତ୍ର ବ୍ୟବସ୍ଥା କରି ନ ଥିବା ଜଣାପଡ଼ିଛି।

## ସରକାରୀ ଜମି ଜବରଦଖଲ ଅଭିଯୋଗ

**ରସୁଲପୁର,୫।୨(ଡିଏନଏ)**



ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ବେତଣ୍ଡା ଗ୍ରାମ ବାଙ୍କସାହିର ମୂଲ୍ୟବାନ ସରକାରୀ ଜମିକୁ କିଛି ନ୍ୟସ୍ତସ୍ୱାର୍ଥ ଲୋକ ଜବରଦଖଲରେ ରଖିଛନ୍ତି। କାଳକ୍ରମେ ରାଜସ୍ୱ ଅଧିକାରୀଙ୍କୁ ହାତେଇ ସରକାରୀ ଜମିକୁ ନିଜ ନାଁରେ କରାଇ ନେଇଛନ୍ତି। ଫଳରେ ଗ୍ରାମବାସୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଏକ ମସସ୍ୟାର ଆଶୁ ସମାଧାନ ପାଇଁ ବିନୋଦ ନାୟକ, ଜଳଧର ପରିଡା, ପିତାମ୍ବର ପରିଡା, କୈଳାସ ଦାସ, ତପନ ଦାସ, ପ୍ରଦୀପ ଦାସ ପ୍ରମୁଖ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ସୋମବାର ଅଭିଯୋଗ କରିଛନ୍ତି।

ଅଭିଯୋଗରୁ ଜଣାଯାଏ ଯେ, ରସୁଲପୁର ତହସିଲ ଅନ୍ତର୍ଗତ କସ୍ବା ସର୍କଲ ଅଧୀନ ଏହି ଗ୍ରାମର ସାବିକ ଖାତା ନଂ–୧୮୩ ଓ ୧୬୩ର ପ୍ଲଟ ନଂ–୧୦୧୬ ଓ ୧୦୦୩ରେ ହାରାହାରି ୫ଏକରରୁ ଊର୍ଦ୍ଧ୍ୱ ସରକାରୀ ଜମି ରହିଛି। ଉକ୍ତ ଜମିରୁ ଏକାଧିକ ଏକରକୁ ପ୍ରଭାବଶାଳୀ ବ୍ୟକ୍ତିମାନେ ନିଜ ନାଁରେ କରାଇ ନେଇଛନ୍ତି। ଏପରିକି କିଛି ଲୋକ ସରକାରୀ ଜମିରେ ଥିବା ସର୍ବସାଧାରଣ ଜଳାଶୟରୁ ଅର୍ଦ୍ଧାଧିକ ଜମି ଅବରୋଧକାରୀଙ୍କ ଅକ୍ତିଆରରେ ରହିଛି। ଏସବୁ କାରଣରୁ ଗାଁ ଲୋକଙ୍କ ଯାତାୟାତରେ ବାଧା ଉପୁଜୁଛି। ଖେଳପଡିଆ ନ ଥିବାରୁ ପିଲାମାନେ ଖେଳିବାରେ ଅସୁବିଧା ସୃଷ୍ଟି ହେଉଛି। ଏଭଳି ଭାବେ ଗାଁ ଲୋକ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ କିଛି ଅସାଧୁ ରାଜସ୍ୱ ଅଧିକାରୀ ଓ ଜମି ହଡପକାରୀଙ୍କ ମଧ୍ୟରେ ଅସାଧୁ ମେଣ୍ଟକୁ ଦାୟୀ କରାଯାଉଛି। ଏ ଦିଗରେ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ସରକାରୀ ଜମିକୁ ଉଦ୍ଧାର କରିବା ପାଇଁ ଦାବି ହେଉଛି। ଏ ସମ୍ପର୍କରେ ଯାଜପୁର ଜିଲାପାଳଙ୍କ ନିକଟରେ ଏକ ଅଭିଯୋଗ (ନଂ– ୨୭୧/୧୯) ପଞ୍ଜୀକୃତ ହୋଇଛି। ଏ ସମ୍ପର୍କରେ ରସୁଲପୁର ତହସିଲଦାରଙ୍କୁ ତଦନ୍ତ ପାଇଁ ପଠାଯିବ ବୋଲି ଜଣାପଡିଛି।

### ଟ୍ରାକ୍ଟର ଧକ୍କାରେ ଯୁବକ ମୃତ

**ଚଣ୍ଡିଖୋଲ, ୫।୨(ଡି.ଏନ୍.ଏ.)**

ବଡ଼ଚଣା ଥାନା ଅନ୍ତର୍ଗତ ଧାନମଣ୍ଡଳଠାରେ ସୋମବାର ବିଳମ୍ବିତ ରାତିରେ ଟ୍ରାକ୍ଟର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣଙ୍କ ଖଏରା ଗ୍ରାମର ଦେବାଶିଷ ବରାଳ(୨୨)। ସେ ଖଏରା ପଞ୍ଚାୟତ ଯୁବ ବାହିନୀର ସଦସ୍ୟ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଖଏରା ସରପଞ୍ଚ ହରପ୍ରିୟା ବରାଳ, ସମିତି ସଭ୍ୟା ସ୍ୱର୍ଣ୍ଣରେଖା ପୃଷ୍ଟି, ବିନୟ କୁମାର ପୃଷ୍ଟି, ବଡ଼ଚଣା ବିଜେଡି ସଭାପତି ଗଣେଶ୍ୱର ବରାଳ, ସୁଧୀର ରଞ୍ଜନ ପୃଷ୍ଟି, ଯୁବ ବାହିନୀ ସଭାପତି ପ୍ରମୋଦ ଦାସ ଓ ଅମିତ୍ ବରାଳଙ୍କ ସମେତ ବହୁ ଯୁବ ବାହିନୀ ସଦସ୍ୟ ପହଞ୍ଚି ଦେବାଶିଷଙ୍କ ଅନ୍ତିମ ଦର୍ଶନ କରିଥିଲେ। ସେ ବାଇକ୍ ଯୋଗେ ଆସୁଥିବାବେଳେ ବଡ଼ଚଣା–ଦର୍ପଣ ରାସ୍ତାର ଧାନମଣ୍ଡଳ ନିକଟରେ ତାଙ୍କୁ ଏକ ଟ୍ରାକ୍ଟର ପଛପଟୁ ଧକ୍କା ଦେଇଥିଲା।

## ମା’ ବିରଜାଙ୍କ ସ୍ୱନକ୍ଷତ୍ରରେ ଶ୍ରୀ ବିରଜା ସେବା ସମିତିର କାର୍ଯ୍ୟକ୍ରମ

**ବିରଜାକ୍ଷେତ୍ର,୫।୨(ଡି.ଏନ୍.ଏ)**

ମା’ ବିରଜାଙ୍କ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ବିରଜା ସେବା ସମିତି ତରଫରୁ ପୁରସ୍କାର ବିତରଣ ଓ ଶ୍ରୀ ବିରଜା ସେବା ସମିତି ସମ୍ମାନ କାର୍ଯ୍ୟକ୍ରମ ମା’ଙ୍କ ମନ୍ଦିର ପରିସରରେ ସଭାପତି ବିଶ୍ୱମ୍ଭର ମିଶ୍ରଙ୍କ ସଭାପତିତ୍ୱରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ସମ୍ପାଦକ ପାଣ୍ଡବ ଚରଣ ସାହୁ ସଭାର ଆଭିମୁଖ୍ୟ ଜଣାଇବା ସହ ସମସ୍ତ ସଭ୍ୟ, ମୁଖ୍ୟ ଅତିଥି, ଉପଜିଲାପାଳ, ସମ୍ମାନିତ ଅତିଥି ଓ ପୁରସ୍କୃତ ହେବାକୁ ଥିବା ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ମୁଖ୍ୟଅତିଥି ଉପଜିଲାପାଳ ତଥା ମ୍ୟାନେଜିଂ ଟ୍ରଷ୍ଟି ନାରାୟଣ ଚନ୍ଦ୍ର ଧଳ, ମନ୍ଦିରର ଟ୍ରଷ୍ଟି ରାୟବାହାଦୁର ରାୟସାହେବ ଚୌଧୁରୀ ନରସିଂହ ଚରଣ ବଡ଼ପଣ୍ଡା ମହାପାତ୍ରଙ୍କୁ ବିରଜା ମନ୍ଦିରର ସମୂହ ଉନ୍ନତି, ଉତ୍ସର୍ଗିତ ସେବା ପାଇଁ ମରଣୋତ୍ତର ସମ୍ମାନ ପ୍ରଦାନ କରିଥିଲେ। ନରସିଂହ ମହାପାତ୍ରଙ୍କ ତରଫରୁ ତାଙ୍କ ଅଣନାତି ଚୌଧୁରୀ ନାରାୟଣ ଚନ୍ଦ୍ର ମହାପାତ୍ର ସମ୍ମାନ ଗ୍ରହଣ କରିଥିଲେ। ମା’ ବିରଜା ପ୍ରବନ୍ଧ ପ୍ରତିଯୋଗିତାରେ ଯାଜପୁର ଜିଲାର ଉଚ୍ଚ ବିଦ୍ୟାଳୟସ୍ତରରେ ଅଂଶଗ୍ରହଣ କରିଥିବା ଓ ୧ମ, ୨ୟ, ୩ୟ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଧରଣୀଧର ସାହୁ ସ୍ୱତନ୍ତ୍ରଭାବେ ସମିତିକୁ ସହଯୋଗ କରିଥିଲେ। ସ୍ୱତନ୍ତ୍ରଭାବେ ନୂତନ ଆଜୀବନ ସଭ୍ୟଭାବେ ଚିତ୍ତରଞ୍ଜନ ନାୟକ, ନବକୁମାର ବେହେରା, ମାନଗୋବିନ୍ଦ ଧଳ, ନଗେନ କୁମାର ସାହୁ, ଗୀତାରାଣୀ ସାହୁ, ତରୁଣ କୁମାର ବିହାରୀଙ୍କୁ ସଭା ଗ୍ରହଣ କରିଥିଲା।

### ■ ୫ମ ଦିନରେ ଜଗନ୍ନାଥ ଚେତନା ମହାଧିବେଶନ
## ଘୋଡ଼ ବେଶରେ ଦର୍ଶନ ଦେଲେ ଚତୁର୍ଦ୍ଧା ମୂର୍ତ୍ତି

**ବିରଜାକ୍ଷେତ୍ର,୫।୨(ଡି.ଏନ୍.ଏ)**

ଗତ ୧ ତାରିଖରୁ ଯାଜପୁର ସହରର ବାଳାଶ୍ରମ ପଡ଼ିଆରେ ୩୭ତମ ଜଗନ୍ନାଥ ଚେତନା ମହାଧିବେଶନ ଆରମ୍ଭ ହୋଇଛି। ମଙ୍ଗଳବାର ମହାଧିବେଶନ ୫ମ ଦିନରେ ପହଞ୍ଚିଛି। ବାଳାଶ୍ରମ ପଡ଼ିଆରେ ହୋଇଥିବା ଅସ୍ଥାୟୀ ଜଗନ୍ନାଥ ମନ୍ଦିରରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ଘୋଡ଼ ବେଶରେ ସଜ୍ଜିତ କରାଯାଇଥିଲା। ସପ୍ତାହର ୭ଦିନରେ ସାତରଙ୍ଗର ବେଶ ସହ ସାତରଙ୍ଗର ଧୋତି ପରିଧାନ କରିଥାନ୍ତି। ତଦନୁଯାୟୀ ମଙ୍ଗଳବାର ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ଘୋଡ଼ ବେଶରେ ସଜ୍ଜିତ କରାଯାଇଥିଲା। ମଙ୍ଗଳବାର ସକାଳୁ ଜଗନ୍ନାଥଙ୍କୁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ପରେ ସକାଳ ୭ଟାରେ ପହୁଡ଼ ଖୋଲିଥିଲା। ଦିନ ଓ ସନ୍ଧ୍ୟାରେ ଜଗନ୍ନାଥଙ୍କ ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ ସରିବା ପରେ ପହୁଡ଼ ହୋଇଥିଲା। ଚେତନା ଅଧିବେଶନ ସ୍ଥଳରେ ମହାବିଷ୍ଣୁ ମହାଯଜ୍ଞ ପଞ୍ଚମ ଦିନରେ ପହଞ୍ଚିଛି। ମଙ୍ଗଳବାର ଜଗନ୍ନାଥଙ୍କ ଘୋଡ଼ ବେଶ ଓ ମହାବିଷ୍ଣୁ ମହାଯଜ୍ଞ ଦେଖିବା ପାଇଁ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା।



ଘୋଡ଼ ବେଶରେ ଚତୁର୍ଦ୍ଧା ମୂର୍ତ୍ତି।

# ତଦନ୍ତ ଭୟରେ ନେତାଙ୍କ ଶରଣାପନ୍ନ

**ଯାଜପୁର ଅଫିସ,୫।୨**

■ଦବିଗଲା ଖଣି ଦୁର୍ନୀତି ମାମଲା
■ବିଧାୟକ ହେବାକୁ ସ୍ୱପ୍ନ ଦେଖୁଛନ୍ତି ଖଣି ବ୍ୟବସାୟୀ

ଯାଜପୁର ଜିଲାର କେତେକ ପ୍ରଭାବଶାଳୀ ଖଣି ବ୍ୟବସାୟୀ ତଥା ରାଜନେତା ଯୋଡା ଖଣି ଅଞ୍ଚଳରୁ ଲୁହାପଥର ପରିବହନ ଓ ଦୁର୍ନୀତି ମାମଲାରେ ସମ୍ପୃକ୍ତ ଅଛନ୍ତି। ଏକ ଟ୍ରାନ୍ସପୋର୍ଟ କମ୍ପାନୀ ନାମରେ ପରିବହନ କରୁଥିବା ଏହି ଖଣି ଦୁର୍ନୀତିରେ ଯାଜପୁର ଜିଲାର ଅନ୍ୟତମ ବିଜେଡି ନେତା ଗତ ପଞ୍ଚାୟତ ନିର୍ବାଚନ ପରେ ଭାଜପାରେ ସାମିଲ ହୋଇଥିଲେ। ଖଣି ଦୁର୍ନୀତି ସମୟରେ ସେ ଭିଜିଲାନ୍ସ ଜେରାର ସମ୍ମୁଖୀନ ମଧ ହୋଇଥିଲେ। ତେବେ ବିଜେଡିରୁ ଭାଜପାକୁ ଲମ୍ଫ ଦେବା ପରେ ଶାସକ ଦଳର ଜଣେ ପ୍ରଭାବଶାଳୀ ନେତାଙ୍କର ସେ ଆକ୍ରୋଶର ଶିକାର ହୋଇଥିଲେ। ଏପରିକି ଭାଜପା ଛାଡି ପୁଣି ବିଜେଡିକୁ ନ ଫେରିଲେ ଖଣି ଦୁର୍ନୀତି ସହ ବ୍ଲାକରୋଜ ଜାହାଜ ବୁଡି ଆଦି ଘଟଣାରେ ଫସାଇ ଦିଆଯିବ ବୋଲି ଚେତାବନୀ ମିଳିବା ପରେ ସମ୍ପୃକ୍ତ ନେତା ଜଣକ ପୁଣି ବିଜେଡିକୁ ଘରବାହୁଡା କରିଛନ୍ତି। ସେହି ନେତା ଜଣକ ଏବେ ବିଧାୟକ ପ୍ରାର୍ଥୀ ପାଇଁ ମଧ ସ୍ୱପ୍ନ ଦେଖୁଛନ୍ତି। ନିର୍ମଳ ଭାବମୂର୍ତ୍ତି ସହ ସ୍ୱଚ୍ଛ ଶାସନରେ ବିଶ୍ୱାସ ରଖୁଥିବା ମୁଖ୍ୟମନ୍ତ୍ରୀଙ୍କ ଦଳରେ ଏଭଳି ନେତାଙ୍କୁ ସ୍ଥାନୀୟ ଅଞ୍ଚଳର ଲୋକେ କେତେ ଗ୍ରହଣ କରିବେ ତାହା ସମୟ ହିଁ କହିବ ବୋଲି ଆଲୋଚନା ହେଉଛି।

ଯୋଡା ଖଣି ଅଞ୍ଚଳରୁ ୫୯,୨୦୩ କୋଟି ଟଙ୍କାର ଲୁହାପଥର ଓ ମାଙ୍ଗାନିଜ ଅଧିକ ଉତ୍ତୋଳନ କରି ଚୋରାଚାଲାଣ ହୋଇଥିବା ଶାହା କମିଶନ ରିପୋର୍ଟରୁ ଜଣାପଡ଼ିଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଶାହା କମିଶନଙ୍କ ଚଢ଼ାଉ ଭୟରେ ସେତେବେଳେ ମାଫିଆମାନେ କୋଟିକୋଟି ଟଙ୍କାର ଲୁହାପଥର ଲୁଚାଇ ରଖିଥିଲେ। ଏହିକ୍ରମରେ ୧୧।୫।୨୦୧୧ ରେ ଧର୍ମଶାଳା ତହସିଲ ଅନ୍ତର୍ଗତ ହରିଦାସପୁରଠାରେ ଭିଜିଲାନ୍ସ ଓ ଖଣି ବିଭାଗର ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଦ୍ୱାରା ଲୁହାପଥର ଜବତ ହୋଇଥିଲା। ସୂଚନା ମୁତାବକ ହରିଦାସପୁରଠାରେ ଦୁଇଟି ସ୍ଥାନରେ ପ୍ରାୟ ୨୩,୧୦୦ମେଟ୍ରିକ ଟନ୍ ଲୁହାପଥର ଜମା ହୋଇଥିଲା। ଏହାକୁ ଭିଜିଲାନ୍ସ ବିଭାଗ ଜବତ କରି ତଦନ୍ତ କରୁଥିଲା। କିନ୍ତୁ କୌଣସି ସରକାରୀ ଚାପ ହେଉ ଅବା ଅନ୍ୟକାରଣରୁ ୨୦୧୫ ସେପ୍ଟେମ୍ବର ମାସରେ କ୍ଲିୟରାନ୍ସ ଦେଇ ଅକ୍ଟୋବର ମାସରେ ମାମଲାକୁ ବନ୍ଦ କରି ଦିଆଯାଇଥିଲା। ସେହି ସମୟରେ ଏହି ମହାଦୁର୍ନୀତିର କ୍ଲିୟରାନ୍ସ ଉପରେ କେହି ଖବର ପାଇ ନ ଥିଲେ। ଖଣି ଦୁର୍ନୀତିକୁ ନେଇ ସେତେବେଳେ ସାରା ଦେଶରେ ହଇଚଇ ସୃଷ୍ଟି କରିଥିବା ଏହି ଘଟଣାରେ ସଂପୃକ୍ତ ହରିଦାସପୁର ଲୁହାପଥର ଜବତ ମାମଲାର କ୍ଲିୟରାନ୍ସ ଓ ମାମଲାକୁ ବନ୍ଦ କରିଦେବା ଉପରେ ଭିଜିଲାନ୍ସ ବିଭାଗ ସାଧାରଣରେ କୌଣସି ସୂଚନା ଦେବାକୁ ଉଚିତ୍ ମନେ କରି ନ ଥିଲା। ଲୁଚାଛପା ଭାବେ ମାମଲାକୁ ବନ୍ଦ କରିଦେବା ସହିତ ଯାଜପୁରରୋଡ ଖଣି ଉପନିର୍ଦ୍ଦେଶକ ବିଭାଗକୁ ଭିଜିଲାନ୍ସ ସୂଚନା ଦେଇଥିଲା। ଏହାପରେ ଖଣି ବିଭାଗ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ କରି ୨୦୧୭ ମାର୍ଚ୍ଚ ମାସରେ ଜବତ ହୋଇଥିବା ଲୁହାପଥର ଖଣି ଉପରେ କଟକଣା ପ୍ରତ୍ୟାହାର କରିଥିଲା। ଜରିମାନା ବାବଦରେ ୧ ଲକ୍ଷ ୨୫ ହଜାର ଟଙ୍କା ଆଦାୟ କରି ଜବତ ଲୁହାପଥରକୁ ସିରାଜଉଦ୍ଦିନ ଓ ଯାଜଦାନୀ କମ୍ପାନୀକୁ ହସ୍ତାନ୍ତର କରିଥିଲା। ବଜାର ଦର କମ୍ ଥିବାରୁ ସେତେବେଳେ ଗଚ୍ଛିତ ଲୁହାପଥରକୁ କାହାକୁ ବିକ୍ରି କରି ନ ଥିବା ସୂଚନା ମିଳିଥିଲା। ତେବେ ଗତ ଡିସେମ୍ବର ୧୩ତାରିଖରେ ଜବତ ଏହି ଲୁହାପଥରକୁ ଯାଜଦାନୀ କମ୍ପାନୀ ନିଜ ଅକ୍ତିଆରକୁ ନେଇଛି। ସେତେବେଳେ କେତେକ ରାଜନେତା ଓ ତାଙ୍କ ସମ୍ପର୍କୀୟ, କର୍ମୀ ଲୁହାପଥର ପରିବହନ ବ୍ୟବସାୟ କରୁଥିଲେ। ନିର୍ଦ୍ଧାରିତ ଅଟକଳରୁ ମୂଲ୍ୟବାନ ଲୁହାପଥର ବହୁ ଅଧିକ ଚୋରା କାରବାର ହୋଇଥିଲା। ଏହି ସମୟରେ ବ୍ଲାକରୋଜ ଜାହାଜ ବୁଡି ଘଟଣା ସାରା ରାଜ୍ୟରେ ଚହଳ ପକାଇଥିଲା। ବ୍ଲାକରୋଜ ବୁଡ଼ି ଘଟଣାର ସିବିଆଇ ତଦନ୍ତ ପାଇଁ ଗତ ଜୁଲାଇ ମାସରେ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରଣାଳୟ ପ୍ରଧାନମନ୍ତ୍ରୀଙ୍କୁ ସୁପାରିସ କରିଥିଲା। ଏହି ଭୟରେ ଜିଲାର ପ୍ରଭାବଶାଳୀ ରାଜନେତାଙ୍କ ଶରଣାପନ୍ନ ହୋଇ କେତେକ ଲୁହାପଥର ବ୍ୟବସାୟୀ ତଥା ରାଜନେତା ଦଳକୁ ଫେରୁଥିବା ଦେଖିବାକୁ ମିଳିଛି।



ଯଦି ଆମେ ଅପରର ଦୁଃଖକୁ ପ୍ରକୃତ ବୁଝିପାରୁଥାନ୍ତେ,
ତେବେ ଏ ସଂସାର ସ୍ୱର୍ଗରେ ପରିଣତ ହୋଇଯାନ୍ତା।
- ସକ୍ରେଟିସ୍



## ସଂକ୍ଷେପରେ

### ରାମଚରିତ ମାନସ ନବାହ୍ନ ପାରାୟଣ ଉଦ୍‌ଯାପିତ



**ଖଣ୍ଡପଡ଼ା,୫।୨(ସ୍ୱ.ପ୍ର.):** ଖଲିସାହିସ୍ଥିତ ମୁକ୍ତିତୀର୍ଥ ପ୍ରଭୁ ତୋଟା ହନୁମାନଙ୍କ ପୀଠରେ ଶନିବାର ଠାରୁ ଆରମ୍ଭ ହୋଇଥିବା ଏକବିଂଶତମ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ନବଦିନ ବ୍ୟାପୀ ଅନୁଷ୍ଠିତ ହୋଇଥିଲା । ଏହି ପରିପ୍ରେକ୍ଷୀରେ ଉଦ୍‌ଯାପନୀ ଦିବସରେ ଚିତ୍ତାକର୍ଷକ ରାବଣପୋଡି ଉତ୍ସବ ଦେଖିବାକୁ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ସମାଗମ ହୋଇଥିଲା ।

### ଦଶପଲ୍ଲାରେ ସଡ଼କ ସୁରକ୍ଷା ସପ୍ତାହ ପାଳିତ

**ନୟାଗଡ଼ ଅଫିସ,୫।୨:** ଜାତୀୟ ସଡ଼କ ସୁରକ୍ଷା ସପ୍ତାହର ମଙ୍ଗଳବାର ଦ୍ୱିତୀୟ ଦିନରେ ଦଶପଲ୍ଲାଠାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ତରଫରୁ କୃଷ୍ଣପ୍ରିୟା ମହିଳା ମହାବିଦ୍ୟାଳୟଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଛାତ୍ରୀମାନେ ଏକ ଶୋଭାଯାତ୍ରା କରି ସହର ପରିକ୍ରମା କରିଥିଲେ। ପରେ ମେଡ଼ିକାଲ୍ ଛକଠାରେ ଛାତ୍ରୀମାନେ ବାଇକ୍ ଚାଳକଙ୍କୁ ହେଲମେଟ୍ ଓ କାର ଚାଳକଙ୍କୁ ସିଟ୍ ବେଲ୍ଟ ପିନ୍ଧିବା ପାଇଁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆରଟିଓ ପ୍ରତାପ ପ୍ରୀତିମୟ ମୁଖ୍ୟଅତିଥି ଭାବେ ଯୋଗଦେଇ ସଡ଼କ ସୁରକ୍ଷା ଓ ଏହାର ନିୟମାବଳୀ ବିଷୟରେ ଛାତ୍ରୀମାନଙ୍କୁ ବୁଝାଇଥିଲେ। ମହାବିଦ୍ୟାଳୟ ଅଧକ୍ଷା ପୂର୍ଣ୍ଣବାସୀ ଦେବୀ ଦୁର୍ଘଟଣା ସମ୍ବନ୍ଧୀୟ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ଶେଷରେ ଅଧାପକ ଧୀରେନ୍ଦ୍ର ମହାରଣା ଧନ୍ୟବାଦ ଦେଇଥିଲେ।

### ବିଜୁ ଯୁବ ଛାତ୍ର ଜନତା ଦଳର ସ୍ୱାକ୍ଷର ଅଭିଯାନ



**ଭାପୁର,୫।୨(ଡି.ଏନ୍.ଏ.):** ରାଜ୍ୟର ୨ଲକ୍ଷ ଅନୁସୂଚିତ ଜାତି ଛାତ୍ରୀଛାତ୍ରଙ୍କ ଷ୍ଟାଇପେଣ୍ଡ କଟାଯିବାକୁ ବିରୋଧ କରି ବିଜୁ ଯୁବ ଛାତ୍ର ଜନତା ଦଳ ଭାପୁର ବ୍ଲକରେ ସ୍ୱାକ୍ଷର ଅଭିଯାନ ଆରମ୍ଭ କରିଛି। ବ୍ଲକର ପଠାଣି ସାମନ୍ତ କଲେଜ ବାଇଗୁଣିଆ, ପଦ୍ମାବତୀ ଆଞ୍ଚଳିକ ମହାବିଦ୍ୟାୟରେ ଏହି ଅଭିଯାନ ସୋମବାର ଚାଲୁ ରହିଥିଲା। ଜିଲା ବିଜୁ ଯୁବ ଛାତ୍ର ଜନତା ଦଳ ସମ୍ପାଦକ ଅଭିଜିତ ପଟ୍ଟନାୟକ, ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ ସାହୁ, ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ସଭାପତି ଗିରିଧାରୀ ସ୍ୱାଇଁ, ବ୍ଲକ ସଭାପତି ଜିତେନ୍ଦ୍ର କୁମାର ଧଳ, ବ୍ଲକ ଯୁବ ବିଜେଡି ସଭାପତି ରଶ୍ମିରଞ୍ଜନ ସ୍ୱାଇଁ ଓ ସାମାଜିକ କର୍ମୀ ସନ୍ତୋଷ କୁମାର ତ୍ରିପାଠୀ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଏହି ଅଭିଯାନକୁ ଦୁଇ କଲେଜର ଛାତ୍ରୀଛାତ୍ର ବିପୁଳ ସମର୍ଥନ ଜଣାଇଥିଲେ।

### ୧୯୮୦ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁମିଳନ

**ନୟାଗଡ଼ ଅଫିସ,୫।୨:** ନୟାଗଡ଼ ସହରରେ ଥିବା ବ୍ରଜେନ୍ଦ୍ର ହାଇସ୍କୁଲର ୧୯୮୦ ମସିହା ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ପିଟିଏସ୍ ପଡ଼ିଆ ନିକଟ ବଗିଚାଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୪୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ପରିବାର ସହ ସାମିଲ ହୋଇ ପୁରୁଣା ଦିନର ସ୍ମୃତି ମନେ ପକାଇଥିଲେ। ଏଭଳି କାର୍ଯ୍ୟକ୍ରମ ଜାରି ରଖିବାକୁ ବନ୍ଧୁମାନେ ନିଷ୍ପତ୍ତି ନେଇଥିଲେ। ରବୀନ୍ଦ୍ର କୁମାର ପ୍ରଧାନ, ଅଶୋକ ସାଥୁଆ, କ୍ଷେତ୍ରବାସୀ ସାହୁ, ନବକିଶୋର ପୃଷ୍ଟି, ଶରତ ଚନ୍ଦ୍ର ମିଶ୍ର, ଦୁର୍ଗାକାନ୍ତ ପରିଡ଼ା, ନଳିନୀକାନ୍ତ ମିଶ୍ର, ପୂର୍ଣ୍ଣଚନ୍ଦ୍ର ମିଶ୍ର ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ନୀଳାଦ୍ରି ବିହାର ମ୍ୟୁଜିୟମ୍ କୋଠା ପୁନରୁଦ୍ଧାର କାମ ଶେଷ

**ପୁରୀ ଅଫିସ, ୫।୨**

- ରହିବ ୩ ଗ୍ୟାଲେରୀ
- ଦେଖିବାକୁ ମିଳିବ ଭକ୍ତ-ଭଗବାନ ସମ୍ପର୍କ
- ସ୍ଥାନିତ କଳାକୃତି ପାଇଁ ଯୋଜନା ଆରମ୍ଭ

ଶ୍ରୀମନ୍ଦିର ପରିସର ନୀଳାଦ୍ରିବିହାର ମ୍ୟୁଜିୟମ୍ କୋଠାର ପୁନରୁଦ୍ଧାର କାମ ଶେଷ ହୋଇଛି। ଏଥିରେ ମହାପ୍ରଭୁଙ୍କୁ ନେଇ କେଉଁସବୁ କଳାକୃତି ସ୍ଥାନ ପାଇବ ସେ ନେଇ ଯୋଜନା ଆରମ୍ଭ ହୋଇଛି। ମଙ୍ଗଳବାର ଏ ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ପ୍ରଫେସର, ଗବେଷକ, ବିଶେଷଜ୍ଞ ଏବଂ ଶ୍ରୀମନ୍ଦିର ସେବକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିପାଇଁ ଗଠିତ ୫ ଜଣିଆ ସବ୍‌କମିଟିପରାମର୍ଶଅନୁଯାୟୀ ଶ୍ରୀଜଗନ୍ନାଥ ସଂସ୍କୃତି ଏବଂ ଐତିହ୍ୟକୁ ନେଇ ବିଭିନ୍ନ ପ୍ରକାର କଳାକୃତି ସ୍ଥାନିତ ହେବାକୁ ନିଷ୍ପତ୍ତି ହୋଇଛି। ମ୍ୟୁଜିୟମ୍‌ରେ ୩ଟି ଗ୍ୟାଲେରି କରାଯିବ। ଏହି ଗ୍ୟାଲେରିଗୁଡ଼ିକରେ ପୌରାଣିକ ତଥ୍ୟରେ ଶ୍ରୀଜଗନ୍ନାଥ, ବିଭିନ୍ନ ଆଚାର୍ଯ୍ୟ ଏବଂ ଭକ୍ତ-ଭଗବାନଙ୍କ ସମ୍ପର୍କରେ ମଧ ସୂଚନା ପାଇବେ ଶ୍ରଦ୍ଧାଳୁ ।

ଶ୍ରୀମନ୍ଦିର ପଶ୍ଚିମ ଦ୍ୱାର ନିକଟରେ ଥିବା ନୀଳାଦ୍ରି ବିହାର ମ୍ୟୁଜିୟମ୍ ଜରାଜୀର୍ଣ୍ଣ ହୋଇପଡିଥିଲା। ତେଣୁ ସମ୍ପୂର୍ଣ୍ଣ ଭାବେ ପୁରୁଣା କୋଠାକୁ ଭାଙ୍ଗି ଅତ୍ୟାଧୁନିକ ନୂଆ କୋଠା ତିଆରି କରାଯାଇଛି। ନୂତନ ଭାବେ ତିଆରି କରାଯାଉଥିବା ହଲ୍‌ର ଲମ୍ବ ପ୍ରାୟ ୧୦୦ ଫୁଟ ରହିଥିବା ବେଳେ ଏହାର ଓସାର ୫୦ ଫୁଟ ରହିଛି। ନୂତନ ଭାବେ ନିର୍ମାଣ ହୋଇଥିବା ଏହି ମ୍ୟୁଜିୟମ୍‌ରେ ୩ଟି ଗ୍ୟାଲେରି କରାଯିବ। ସବୁ ଗ୍ୟାଲେରିରେ ମହାପ୍ରଭୁଙ୍କ ସମ୍ପର୍କରେ ବିଭିନ୍ନ ତଥ୍ୟ ସମ୍ବଳିତ କଳାକୃତି ପ୍ରଦର୍ଶନୀ କରାଯିବ। ପ୍ରଥମ ଗ୍ୟାଲେରିରେ ଶାସ୍ତ୍ର ପୁରାଣରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ ଯାହା ବର୍ଣ୍ଣନା କରାଯାଇଛି ତାହା ପ୍ରଦର୍ଶିତ ହେବ। ମହାପ୍ରଭୁ ଶ୍ରୀକ୍ଷେତ୍ର ଛାଡି ଯେଉଁ ଯେଉଁ କ୍ଷେତ୍ରକୁ ଯାଇଥିଲେ ସେହି ଲୀଳା କ୍ଷେତ୍ରଗୁଡ଼ିକର ଫଟୋଚିତ୍ର ସହିତ ସବିଶେଷ ବିବରଣୀ ସ୍ଥାନିତ କରାଯିବ। ସେହିପରି ଦ୍ୱିତୀୟ ଗ୍ୟାଲେରୀରେ ବିଭିନ୍ନ ଆଚାର୍ଯ୍ୟଙ୍କ ସମ୍ପର୍କରେ ସୂଚନା ମିଳିବ। ଆଦି ଶଙ୍କରାଚାର୍ଯ୍ୟଙ୍କଠାରୁ ଆରମ୍ଭ କରି ଶ୍ରୀଚୈତନ୍ୟ ପ୍ରମୁଖ ଆଚାର୍ଯ୍ୟ, ଯେଉଁମାନଙ୍କ ଶ୍ରୀମନ୍ଦିର ସେବାପୂଜା, ଯାନିଯାତ୍ରା ଆଦିରେ ଅବଦାନ ରହିଛି ସେ ସମ୍ପର୍କରେ ତଥ୍ୟ ସମ୍ବଳିତ କଳାକୃତି ରହିବ। ତୃତୀୟ ଗ୍ୟାଲେରୀରେ ମହାପ୍ରଭୁଙ୍କ ପରମ ଭକ୍ତଙ୍କ ସମ୍ପର୍କରେ ସବିଶେଷ ସୂଚନା ପାଇବେ ଶ୍ରଦ୍ଧାଳୁ। ମହାପ୍ରଭୁ ହେଉଛନ୍ତି ଭକ୍ତର ଦେବତା। ଭକ୍ତ ଏବଂ ଭଗବାନଙ୍କ ମଧ୍ୟରେ କୌଣସି ତଫାତ୍ ନ ଥାଏ। ତେଣୁ ମହାପ୍ରଭୁଙ୍କ ପ୍ରତି ଦାସିଆ ବାଉରୀ, ଗଣପତି ଭଞ୍ଜ, ବନ୍ଧୁ ମହାନ୍ତି ଓ ଜୟଦେବଙ୍କ ସମର୍ପଣର କଥା ଏହି ଗ୍ୟାଲେରୀରୁ ଦେଖିବାକୁ ମିଳିବ। କିଆରିରେ ବାଇଗଣ ତୋଳୁଥିବା ମହିଳା ବୋଲୁଥିବା ଗୀତଗୋବିନ୍ଦ ଶୁଣିବାକୁ ମହାପ୍ରଭୁ ବାଇଗଣ କିଆରି ମଧ୍ୟକୁ ପଶିବା ଏବଂ ଏହି ସମୟରେ ମହାପ୍ରଭୁଙ୍କ ପାଟଲୁଗା ଚିରିଯିବା ଏମିତି ଅନେକ ଭକ୍ତ ଏବଂ ଭଗବାନଙ୍କ କାହାଣୀ ଏହି ଗ୍ୟାଲେରୀରେ ସ୍ଥାନିତ ହେବ। ଶ୍ରୀଜଗନ୍ନାଥଙ୍କ କାଞ୍ଚି ଅଭିଯାନର ବୃତ୍ତାନ୍ତ ମୂର୍ତ୍ତି ଏଥିରେ ସ୍ଥାନ ପାଇବ। କେବଳ ତୈଳଚିତ୍ର ନୁହେଁ, ବିଭିନ୍ନ ଧାତୁରେ ତିଆରି କଳାକୃତି ମାଧ୍ୟମରେ ମଧ ଏହା ପ୍ରଦର୍ଶିତ ହେବ। ଏଥିରେ କୌଣସି ସିନ୍ଥେଟିକ ଧାତୁ ବ୍ୟବହାର କରାଯିବ ନାହିଁ। ଯେଉଁ ଧାତୁରେ ଏହି କଳାକୃତି କରାଯିବ ତାହା ଯେପରି ଦୀର୍ଘସ୍ଥାୟୀ ରହିବ ସେ ଉପରେ ମଧ ଧ୍ୟାନ ଦିଆଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି।



ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଗଜପତି ମହାରାଜାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକ।

## ନିର୍ମାଣ ଶ୍ରମିକ ସହାୟତା ରାଶି ବଣ୍ଟନ ଉତ୍ସବ

**ରଣପୁର, ୫।୨(ସ୍ୱ.ପ୍ର.)**

ନୟାଗଡ ଜିଲା ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦରେ ଥିବା ବାଘସାମନ୍ତ ପଡିଆରେ ମଙ୍ଗଳବାର ଜିଲା ପ୍ରଶାସନ ଓ ଶ୍ରମ ଅଧିକାରୀଙ୍କ ସହାୟତାରେ ନିର୍ମାଣ ଶ୍ରମିକମାନଙ୍କ ସହାୟତା ରାଶି ବଣ୍ଟନ ଉତ୍ସବ ପାଳିତ ହୋଇଯାଇଛି । ଏହି ଉତ୍ସବରେ ରଣପୁର ବ୍ଲକ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନରେ ଥିବା ୫ଶହରୁ ଊର୍ଦ୍ଧ୍ୱ ନିର୍ମାଣ ଶ୍ରମିକ ଯୋଗ ଦେଇଥିଲେ । ଉତ୍ସବରେ ମୁଖ୍ୟ ଅତିଥି ଭାବେ ରଣପୁର ବିଧାୟକ ରବି ନାରାୟଣ ମହାପାତ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ନୟାଗଡ ଜିଲା ଶ୍ରମ ଅଧିକାରୀ ସଚ୍ଚିଦାନନ୍ଦ ଜେନା ଯୋଗଦେଇ ନିର୍ମାଣ ଶ୍ରମିକମାନଙ୍କ ପାଇଁ ସରକାର କରିଥିବା ବିଭିନ୍ନ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ରଣପୁର ବିଡିଓ ସୁଶାନ୍ତ କୁମାର ପତି, ସହକାରୀ ଶ୍ରମ ଅଧିକାରୀ ଲୋକନାଥ ପଣ୍ଡା, ଡିଭିଜନାଲ୍ ଲେବର କମିଶନର ରମାକାନ୍ତ ଜେନା, ବିଜେଡି ନେତ୍ରୀ ପ୍ରତିଭା ରାଣୀ ମହାନ୍ତି, ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରଭାତ କୁମାର ଦଳବେହେରା ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ସରକାର ପ୍ରତ୍ୟେକ ନିର୍ମାଣ ଶ୍ରମିକଙ୍କ ପାଇଁ ପକ୍କା ଘର ସହିତ ସେମାନଙ୍କୁ ଝିଅ ବିବାହଘର ଏବଂ ପାଠପଢା ପାଇଁ ବିଭିନ୍ନ ସହାୟତା ରାଶିମାନ ଯୋଗାଇ ଦେଉଛନ୍ତି ବୋଲି ବିଧାୟକ ପ୍ରକାଶ କରିଥିଲେ । ପ୍ରତ୍ୟେକ ମାସରେ ରଣପୁର ବ୍ଲକରେ କ୍ୟାମ୍ପ କରାଯାଇ ଶ୍ରମିକମାନଙ୍କର ରେଜିଷ୍ଟ୍ରେଶନ କରାଯିବ ବୋଲି ସେ ପ୍ରକାଶ କରିଥିଲେ । ରଣପୁର ଅଞ୍ଚଳର ବିଭିନ୍ନ କୋଠାବାଡି ଓ ରାସ୍ତାରେ କାର୍ଯ୍ୟ କଲାବେଳେ ୩୬ ନିର୍ମାଣ ଶ୍ରମିକଙ୍କର ମୃତ୍ୟୁ ଘଟିଛି। ଉକ୍ତ ଉତ୍ସବରେ ପ୍ରତ୍ୟେକ ମୃତକଙ୍କ ପରିବାରକୁ ୧ଲକ୍ଷ ୫ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା । ଏଥିସହିତ ନିର୍ମାଣ ଶ୍ରମିକମାନଙ୍କର ଝିଅ ବିବାହଘର ପାଇଁ ଆବେଦନ କରିଥିବା ୫୧ଜଣ ନିର୍ମାଣ ଶ୍ରମିକ ପରିବାର ପ୍ରତ୍ୟେକଙ୍କୁ ୨୫ହଜାର ଟଙ୍କା, ସେମାନଙ୍କ ପିଲାଙ୍କ ପାଠପଢା ପାଇଁ ୨୩୦ଜଣ ପରିବାରକୁ ୪ରୁ ୫ହଜାର ଟଙ୍କା ଲେଖାଏ ଦିଆଯାଇଥିଲା । ମୋଟ ୩୧୭ଜଣ ନିର୍ମାଣ ଶ୍ରମିକ ପରିବାରକୁ ୬୧ଲକ୍ଷ ୭୪ହଜାର ଟଙ୍କା ବିଧାୟକ ବଣ୍ଟନ କରିଥିଲେ । ଗ୍ରାମୀଣ ଶ୍ରମ ନିରୀକ୍ଷକ ଶ୍ରୀହରି ଶୟନ ସାମଲ ଧନ୍ୟବାଦ ଦେଇଥିଲେ।




ବିଧାୟକ ସହାୟତା ରାଶି ପ୍ରଦାନ କରୁଛନ୍ତି।

## ମହିଳା ଗୋଷ୍ଠୀର ଜାତୀୟ ରାଜପଥ ଅବରୋଧ

**ଦଶପଲ୍ଲା,୫।୨(ଡି.ଏନ୍.ଏ.)**

ଅଫିସ ଗୃହ ଚାବି ଖୋଲିବା ଦାବିରେ ମଙ୍ଗଳବାର ତୁଳସୀ ମହିଳା ମହାସଂଘ ପକ୍ଷରୁ ବ୍ଲକ ଅଫିସ ସମ୍ମୁଖ ୫୭ନଂ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ସକାଳ ୯ଟାରୁ ସନ୍ଧ୍ୟା ୬ଟା ୩୦ ମିନିଟ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଯୋଗୁ ରାଜପଥର ଦୁଇପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା। ଫଳରେ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସୂଚନାଯୋଗ୍ୟ ଦୀର୍ଘ ୩ବର୍ଷ ହେବ ତୁଳସୀ ମହିଳା ମହାସଂଘର ଅଫିସ ଗୃହ ତାଲା ପଡିଥିବା ନେଇ ସଂଘ ମହିଳାମାନେ ସରକାରୀ ଅଧିକାରୀଙ୍କୁ ଅବଗତ କରାଇ ଆସୁଥଲେ। କିନ୍ତୁ କୌଣସି ପ୍ରତିକାର ନ ହେବାରୁ ରାସ୍ତାରୋକୋ ଆନ୍ଦୋଳନ ନିମନ୍ତେ ନିଷ୍ପତ୍ତି ନେଇଥିଲେ। ଏ ସମ୍ପର୍କରେ ସେମାନେ ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କାରାଇଥିଲେ। ନିଷ୍ପତ୍ତି ଅନୁଯାୟୀ ମହିଳା ଗୋଷ୍ଠୀ ତରଫରୁ ସକାଳ ୯ଟାରୁ ରାସ୍ତାରୋକୋ ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ଏସଡିପିଓ ସୁଧାକର ସାହୁ, କାର୍ଯ୍ୟନିର୍ବାହୀ ଅଧିକାରୀ ସଚ୍ଚିଦାନନ୍ଦ ଶତପଥୀ, ଦଶପଲ୍ଲା ବିଡିଓ ଦେବୀ ପ୍ରସାଦ ମହାନ୍ତି, ଦଶପଲ୍ଲା ଥାନା ଆଇଆଇସି ବିଶ୍ୱଜିତ ରାଉତରାୟ ପ୍ରମୁଖ ଧାରଣାସ୍ଥଳରେ ପହଞ୍ଚି ମହିଳାମାନଙ୍କ ସହ ଆଲୋଚନା କରିଥିଲେ। ମହାସଂଘର ଆକାଉଣ୍ଟ ଅଡିଟ୍ ହେବା ସହ ଅଫିସ ଗୃହ ଖୋଲିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବେ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେବାରୁ ସନ୍ଧ୍ୟା ସାଢେ ୬ଟାରେ ରାସ୍ତା ଅବରୋଧ ହଟିଥିଲା।



ରାଜପଥ ଅବରୋଧ କରିଛନ୍ତି ମହିଳାମାନେ।

## ପୁରସ୍କାର ବିତରଣ ଉତ୍ସବ

**ଖଣ୍ଡପଡା,୫।୨(ସ୍ୱ.ପ୍ର.):** ଭାପୁର ବ୍ଲକ ପଥରଚକଡା ପଞ୍ଚାୟତସ୍ଥ ମାଧପୁର ହାଇସ୍କୁଲର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ମଙ୍ଗଳବାର ପ୍ରଧାନ ଶିକ୍ଷକ ଭରତ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ସରପଞ୍ଚ ତ୍ରିନାଥ ମୁଦୁଲି, ମୁଖ୍ୟ ବକ୍ତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମହେଶ୍ୱର ସାହୁ, ସମ୍ମାନିତ ଅତିଥି ଭାବେ ଆଲୁମନ କମିଟି ସଭାପତି ତ୍ରିନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସ୍ୱର୍ଗତ ବିଶ୍ୱନାଥ ସାହୁ ଓ ମୀନାକ୍ଷୀ ମିଶ୍ରଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ନୀଳମାଧବ ମହାବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ଖଣ୍ଡପଡା,୫।୨(ସ୍ୱ.ପ୍ର.)**

ନୀଳମାଧବ ମହାବିଦ୍ୟାଳୟ କଣ୍ଟିଲୋର ୩୭ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ସୋମବାର ଓ ମଙ୍ଗଳବାର ୨ ଦିନ ଧରି ଅନୁଷ୍ଠିତ ହୋଇ ଯାଇଛି। ମହାବିଦ୍ୟାଳୟର ଅଧକ୍ଷ ସୁକାନ୍ତ କୁମାର ନାୟକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଖେଳ ପ୍ରତିଯୋଗିତାରେ ଯୁକ୍ତ ୨ ଛାତ୍ରୀ ଓ ଯୁକ୍ତ ୨ ଛାତ୍ର ବିଭାଗରେ ଯଥାକ୍ରମେ ଦୀପାଞ୍ଜଳି ସ୍ୱାଇଁ ଓ ସୂର୍ଯ୍ୟକାନ୍ତ ବେହେରା ଚାମ୍ପିୟନ ହୋଇଥିଲେ। ସେହିପରି ଯୁକ୍ତ ୩ ଛାତ୍ରୀ ଓ ଛାତ୍ର ବିଭାଗରେ ଯଥାକ୍ରମେ ସରିତା ସେଠୀ ଓ ସୁରେଶ କୁମାର ବେହେରା ୨୦୧୮-୧୯ ବର୍ଷର କ୍ରୀଡା ଚାମ୍ପିୟନ ହୋଇଛନ୍ତି। ଯୁକ୍ତ ୩ ଛାତ୍ର ପ୍ରହ୍ଲାଦ ପ୍ରଧାନଙ୍କୁ ଉତ୍ତମ ସ୍ୱେଚ୍ଛାସେବୀ ଭାବେ ମନୋନୀତ କରାଯାଇଛି। କୃତୀ ପ୍ରତିଯୋଗୀଙ୍କୁ ଆଗାମୀ କଲେଜ ବାର୍ଷିକ ଉତ୍ସବରେ ପୁରସ୍କାର ପ୍ରଦାନ କରାଯିବ ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷ ସୂଚନା ଦେଇଛନ୍ତି। କ୍ରୀଡା ଶିକ୍ଷକ ଦୀନବନ୍ଧୁ ସାହୁ, ବିଜୟ କୁମାର ପଟ୍ଟନାୟକ, ସୁବାସ ଚନ୍ଦ୍ର ବେହେରା ଓ ସମୀର କୁମାର ଖୁଣ୍ଟିଆ ପ୍ରମୁଖ କ୍ରୀଡା ପରିଚାଳନା କରିଥିଲେ। ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଉପାଧକ୍ଷ ଈଶ୍ୱର ଚନ୍ଦ୍ର ଦାଶ, ଅଧାପକ ଡ. ପବିତ୍ର କୁମାର ସୁବୁଦ୍ଧି, ଜୟଶ୍ରୀ ସାହୁ, ସରଳା ବେହେରା, ସୁମନ୍ତ କୁମାର ଜେନା ଓ କ୍ରୀଡା ଶିକ୍ଷକ ଅଶୋକ ବେହେରା ପ୍ରମୁଖ ଯୋଗଦେଇ ଛାତ୍ରୀ ଛାତ୍ରମାନେ ଅଧ୍ୟୟନ କରିବା ସହ କ୍ରୀଡା ନିପୁଣତା ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ସୂଚନା ଯୋଗ୍ୟ ଯେ, ସୋମବାର ପୂର୍ବାହ୍ନରେ ଛାତ୍ରୀଛାତ୍ରମାନେ ସ୍ଥାନୀୟ ନୀଳମାଧବ ଜୀଉଙ୍କୁ ଦର୍ଶନ କରି ଏକ ମଶାଲ ଶୋଭାଯାତ୍ରାରେ ମହାବିଦ୍ୟାଳୟର ଖେଳପଡିଆକୁ ଆସି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ପ୍ରଫେସର ଇନଚାର୍ଜ ଯୋଗେନ୍ଦ୍ର ନାଥ ବିଶ୍ୱାଳ ପତାକା ଅବତରଣ ପୂର୍ବକ କ୍ରୀଡା ସମାପ୍ତି ଘୋଷଣା କରିଥିଲେ ।



କ୍ରୀଡ଼ା ପତାକା ଅବତରଣ କରାଯାଉଛି।

## ମୋ ବୁଥ୍ ସବୁଠୁ ମଜଭୁତ କାର୍ଯ୍ୟକ୍ରମ

**ବୋଲଗଡ,୫।୨(ଡି.ଏନ.ଏ.):** ବେଗୁନିଆ ନିର୍ବାଚନମଣ୍ଡଳୀରେ ବୁଥ୍‌ସ୍ତରୀୟ ସଂଗଠନକୁ ମଜଭୁତ କରିବା ପାଇଁ ଭାଜପା ପକ୍ଷରୁ 'ମୋ ବୁଥ୍ ସବୁଠୁ ମଜଭୁତ' କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ବୋଲଗଡ଼ସ୍ଥିତ ନନ୍ଦିଘୋଷ ଭବନର ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଭାଜପା ନେତ୍ରୀ ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ ପ୍ରାର୍ଥୀଙ୍କ ବିଜୟ ଉପରେ ବିଶେଷ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବୋଲଗଡ଼ ଓ ବେଗୁନିଆ ବ୍ଲକର ୨୩୮ ବୁଥ୍‌ର ପ୍ରମୁଖ ଓ ସହ ପ୍ରମୁଖମାନେ ଯୋଗଦେଇଥିଲେ। ଭାଜପା ରାଜ୍ୟ ଓବିସି ମୋର୍ଚ୍ଚାର ସାଧାରଣ ସମ୍ପାଦକ ପ୍ରକାଶ ବିଜୁଳି, ରବୀନ୍ଦ୍ର କୁମାର ପରିଡ଼ା , ପୂର୍ବତନ ଜିଲା ସମ୍ପାଦକ ଲୋତକବିନ୍ଦୁ ପଟ୍ଟନାୟକ, ମହିଳା ନେତ୍ରୀ ଜୟଶ୍ରୀ ପଟ୍ଟନାୟକ, କୃଷକ ନେତା ବିଶ୍ୱଜିତ ସ୍ୱାଇଁ, ପୂର୍ବତନ ମଣ୍ଡଳ ସଭାପତି ସୁବାସ ଚନ୍ଦ୍ର ମିଶ୍ର, ପ୍ରଦୀପ ବଳିୟାରସିଂହ, ସିଲୁ ବଳିୟାରସିଂହ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଦଳୀୟ ନେତୃବୃନ୍ଦ।

### ମହୋତ୍ସବ ପରେ ଆବର୍ଜନାରେ ଭର୍ତ୍ତି ପଡ଼ିଆ

## ସଫେଇ କଲେ କଲେଜ ଛାତ୍ରୀଛାତ୍ର

**ନୂଆଗାଁ,୫।୨(ଡି.ଏନ.ଏ.)**

ନୟାଗଡ ଜିଲା ନୂଆଗାଁ ବ୍ଲକ ନୂଆଗାଁ +୩ ଡିଗ୍ରୀ କଲେଜର ଛାତ୍ରୀଛାତ୍ରମାନେ ମଙ୍ଗଳବାର ଏକତ୍ରିତ ହୋଇ ପରିବେଶ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଛନ୍ତି। କଲେଜ ଛୁଟି ହେବା ପରେ ଡିଗ୍ରୀ କଲେଜର ଅଧ୍ୟକ୍ଷ ସୁରେଶ କୁମାର ସାହୁଙ୍କ ନେତୃତ୍ୱରେ ଯୁକ୍ତ ୨ କଲେଜର ଅଧ୍ୟକ୍ଷ ଭିକାରୀ ଚରଣ ସ୍ୱାଇଁ , କ୍ରୀଡା ଅଧ୍ୟାପକ ପ୍ରଦୀପ କୁମାର ଖଣ୍ଡୁଆଳ, ଡିଗ୍ରୀ କଲେଜ ସମ୍ପାଦକ ରମେଶ କୁମାର ପ୍ରଧାନ ଓ ଛାତ୍ରୀଛାତ୍ର ହାଇସ୍କୁଲ ପଡିଆରେ ପହଞ୍ଚି ସଫେଇ କାର୍ଯ୍ୟ କରିଥିଲେ । ସୂଚନାଯୋଗ୍ୟ ହାଇସ୍କୁଲ ପଡିଆରେ ତିନି ଦିନ ଧରି ଚାଲିଥିବା ପଞ୍ଚୁପାଣ୍ଡବ ମହୋତ୍ସବରେ ଦର୍ଶକମାନେ ବ୍ୟବହାର କରିଥିବା କାଗଜ, ପଲିଥିନ୍ ,ପ୍ଲାଷ୍ଟିକ୍ ଠୁଙ୍ଗା ଆଦି ପ୍ରଚୁର ପରିମାଣରେ ପଡିଥିବା ଦେଖିବାକୁ ମିଳିଥିଲା। କଲେଜ ଛାତ୍ରୀଛାତ୍ରଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି ।



ସଫେଇ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର।

### ରାଜପଥରେ ଆତଙ୍କ ସୃଷ୍ଟି କରୁଛନ୍ତି ମାଙ୍କଡ଼

## କାମରେ ଆସୁନି ସୂଚନା ଫଳକ

**ନୂଆଗାଁ,୫।୨(ଡି.ଏନ.ଏ.)**

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥର ନୟାଗଡ ଜିଲା ନୂଆଗାଁ ବ୍ଲକ ମାଇଛେଳି ଠାରୁ ପଞ୍ଚୁପାଣ୍ଡବ ମଧ୍ୟରେ ରାସ୍ତା କଡକୁ ରହିଛି ବିସ୍ତୃତ ଶାଳ ଜଙ୍ଗଲ। ସେହି ଜଙ୍ଗଲ ମଧ୍ୟରେ ଅନେକ ବନ୍ୟଜନ୍ତୁଙ୍କ ମଧ୍ୟରେ ମାଙ୍କଡ ରହୁଛନ୍ତି । ରାସ୍ତା କଡକୁ ଆସୁଥିବା କିଛି ମାଙ୍କଡଙ୍କୁ ଦେଖି ବାଟୋଇମାନେ ଖୁସିରେ ଖାଦ୍ୟ ଦେଉଥିବା ଦେଖି ଅନ୍ୟ ମାଙ୍କଡମାନେ ମଧ୍ୟ ଖାଦ୍ୟ ଲୋଭରେ ରାସ୍ତା କଡକୁ ପଳାଇ ଆସନ୍ତି। ତେବେ ବନ୍ୟଜନ୍ତୁଙ୍କୁ ଖାଇବାକୁ ଦେବା ଦଣ୍ଡନୀୟ ଅପରାଧ ବୋଲି ବନ ବିଭାଗ ପକ୍ଷରୁ ରାସ୍ତା କଡରେ ଏକ ସୂଚନା ଫଳକ ଲଗାଯାଇଛି। ତେବେ ଏହା କାମରେ ଆସୁ ନ ଥିବା ଅଭିଯୋଗ ହେଉଛି।

ପ୍ରକାଶଯେ, କାଳକ୍ରମେ ମାଙ୍କଡମାନେ ଜଙ୍ଗଲଜାତ ଖାଦ୍ୟ ବଦଳରେ କଦଳୀ, ବିସ୍କୁଟ ଆଦି ଖାଇବା ପାଇଁ ଜଙ୍ଗଲ ଛାଡି ରାସ୍ତା କଡରେ ରହୁଛନ୍ତି। ଯେ କୌଣସି ଲୋକ ରାସ୍ତାରେ ଗଲେ ଖାଦ୍ୟ ପାଇଁ ଲୋକଙ୍କ ପଛରେ ମାଙ୍କଡମାନେ ଗୋଡାଉଛନ୍ତି । ଏପରିକି କଲେଜ ଛାତ୍ରୀଛାତ୍ରମାନେ ସାଇକେଲ ଧରି ଯିବା ସମୟରେ ମାଙ୍କଡମାନେ ଖାଦ୍ୟ ଆଶାରେ ଗୋଡାଇ ଥାଆନ୍ତି। ଖାଦ୍ୟ ନ ଦେଲେ କାମୁଡିବା ପାଇଁ ଝାମ୍ପି ପଡନ୍ତି । ଏଥିପାଇଁ ଅନେକ ଦୁର୍ଘଟଣା ଘଟୁଥିବା ସହ ବହୁ ମାଙ୍କଡ ଦୁର୍ଘଟଣାରେ ପ୍ରାଣ ହରାଉଥିବାର ମଧ୍ୟ ନଜିର ରହିଛି । ଏସବୁକୁ ଏଡାଇବା ପାଇଁ ବନ ବିଭାଗ ତରଫରୁ ରାସ୍ତା କଡରେ ଏକ ସୂଚନା ଫଳକ ଲଗା ଯାଇଛି । ଯେଉଁଥିରେ କି ବନ୍ୟଜନ୍ତୁଙ୍କୁ ଖାଇବାକୁ ଦେବା ବନ୍ୟ ଜନ୍ତୁ ସଂରକ୍ଷଣ ଆଇନ ୧୯୭୨ ଅନୁସାରେ ଦଣ୍ଡନୀୟ ଅପରାଧ ବୋଲି ଓଡିଆ ଅକ୍ଷରରେ ଲେଖା ଯାଇଛି । କିନ୍ତୁ ଯାତ୍ରୀମାନେ ତାହାକୁ ଦେଖି ନ ଦେଖିଲା ପରି ଖାଦ୍ୟ ଦେବାରେ ଲାଗି ପଡୁଛନ୍ତି । ତେଣୁ ବାଟୋଇମାନଙ୍କ ଜୀବନକୁ ସୁରକ୍ଷିତ ରଖିବା, ମାଙ୍କଡମାନଙ୍କୁ ଖାଦ୍ୟ ଦେବା ରୋକିବା ସହ ସେମାନଙ୍କୁ ଜଙ୍ଗଲକୁ ତଡିବାର ବ୍ୟବସ୍ଥା କରିବା ପାଇଁ ସାଧାରଣରେ ଦାବି ହେଉଛି । ଏ ବିଷୟରେ ମହିପୁର ରେଞ୍ଜର ସୁଧାଂଶୁ ଶେଖର ପଣ୍ଡାଙ୍କୁ ପଚାରିବାରେ ସେ କୁହନ୍ତି ଜନ ସଚେତନ କରିବା ପାଇଁ ଆମେ ସୂଚନା ଫଳକ ଲଗାଇ ଦେଇଛୁ ।




ରାସ୍ତା କଡରେ ଲାଗିଥିବା ସୂଚନା ଫଳକ।

